ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୧୬ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ଟ୍ରେନରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୧୫।୧୦(ଡି.ଏନ୍.ଏ.):** ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉତ୍ତରବିନା କରପୁର ଜିଲା ଜପୁଲିଆ ଥାନା ମନୋଡା ଗ୍ରାମର ସୁବଳ ବାସକୋ(୧୮)। ସୁବଳ କେରଳକୁ କାମ କରିବା ପାଇଁ ଯାଉଥିଲେ। ଗତ ୧୨ ତାରିଖ ଅପରାହ୍ନ ୪ ଟାରେ ସେ ବିବେକ ଏକ୍ସପ୍ରେସ ନଂ ୧୮୯୦୫ ରେ ଯାଉଥିବା ସମୟରେ ମଞ୍ଜୁରିରୋଡ ଦକ୍ଷିଣ କ୍ୟାବିନ ଲେବୁଲ କ୍ରସିଂ ଠାରୁ ମାତ୍ର ୫୦ ମିଟର ଦୂରରେ କୌଣସି କାରଣବଶତଃ ଖସିପଡି ମୃତ୍ୟୁବରଣ କରିଥିଲେ। ପରିବାର ଲୋକ ଓ ଭଦ୍ରକ ଜିଆର୍‌ପି ପୋଲିସ ଖୋଜାଖୋଜି କରି ସୋମବାର ମଞ୍ଜୁରିରୋଡ ଲେବୁଲ କ୍ରସିଂଠାରୁ ଅନତି ଦୂରରେ ମୃତଦେହ ପଡିଥିବା ଦେଖିଥିଲେ। ଜିଆର୍‌ପି ପୋଲିସ ଏଏସ୍‌ଆଇ ଉମାକାନ୍ତ ମହାଳିକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛନ୍ତି।

### 'ପ୍ରତିବେଶୀଙ୍କ ସୁଖଦୁଃଖରେ ସାମିଲ ହେବାର ମାନସିକତା ଜରୁରୀ'

**ଭଦ୍ରକ ଅଫିସ, ୧୫।୧୦:** ଭଦ୍ରକ ଉପକଣ୍ଠ ବାରିକପୁର ବାଘମରା ଠାରେ ମଙ୍ଗଳବାର ବିଶ୍ୱ ପ୍ରତିବେଶୀ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ହରେକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁପ୍ରିମକୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଏବଂ କଳାକାର କାଳନ୍ଦୀ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପଡୋଶୀଙ୍କ ସୁଖଦୁଃଖରେ ଭାଗୀଦାର ହୋଇ ଦୁଃଖସୁଖ ବାଣ୍ଟିବା ଏହି ଦିବସର ମହତ୍ତ୍ୱ ବୋଲି ମୁଖ୍ୟଅତିଥି ତ୍ରିପାଠୀ କହିଥିଲେ। ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରହିଲେ, ସାମାଜିକ ଜୀବନ ସରସ ସୁନ୍ଦର ହେବା ସହ ଏହା ସମୃଦ୍ଧିର ବାଟ ଫିଟାଇଥାଏ। ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେବାର ମାନସିକତା ସହବସ୍ଥାନ ନୀତିର ପରିଚାୟକ ବୋଲି ମତବ୍ୟକ୍ତ କରାଯାଇଥିଲା। ଏହି ଦିବସକୁ ଭଦ୍ରକରେ ପ୍ରଥମେ ପାଳନ କରାଯାଇଥିବାରୁ ଏହା ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଛି।

### ପୋଖରୀରେ ବୁଡି ଛାତ୍ର ମୃତ

**ବନ୍ତ, ୧୫।୧୦(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ରାମପୁର ଗ୍ରାମରେ ଜଣେ ୩ୟ ଶ୍ରେଣୀର ଛାତ୍ର ସୋମବାର ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତ ଛାତ୍ର ରବୀନ୍ଦ୍ର ମଲ୍ଲିକଙ୍କ ପୁଅ ଶ୍ରୀତମ(୮)। ସେ ଖେଳିବାକୁ ଗାଁକୁ ଯାଇଥିବାବେଳେ ପୋଖରୀ ଭିତରେ ଭାସୁଥିବା ଫୁଲ ଆଣିବାକୁ ଉଦ୍ୟମ କଲା ବେଳେ ପାଣିରେ ବୁଡି ଯାଇଥିଲା। ସନ୍ଧ୍ୟା ସମୟରେ ପୋଖରୀ ଭିତରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାରବର୍ଗଙ୍କୁ ଜଣାଇଥିଲେ। ରାତିରେ ପୋଲିସ ଖବର ପାଇ ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### 'ସଦାଚାରୀ ହୁଅ'

**ଭଦ୍ରକ ଅଫିସ, ୧୫।୧୦:** ଉତ୍ତମ ମନୁଷ୍ୟ ଯେଉଁ କାର୍ଯ୍ୟ କରିବ ତାହା ଦ୍ୱାରା ସମାଜ କଲ୍ୟାଣ ଓ ବୈଦିକ ବିଚାର ପ୍ରଚାର ସମ୍ଭବ ହୋଇପାରିବ ବୋଲି ତ୍ରିଦିବସୀୟ ମାନବ ନିର୍ମାଣ ଶିବିରରେ ଗୁଜୁରାଟରୁ ଆସିଥିବା ପୂଜ୍ୟସ୍ୱାମୀ ବିବେକାନନ୍ଦ ପରିବ୍ରଜାକ ମତବ୍ୟକ୍ତ କରିଛନ୍ତି। ଏଥିଲାଗି ସଦାଚାରୀ ହେବାକୁ ସେ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ସରଳ, ସୁଗମ ଓ ସୁଖମୟ ଜୀବନର ମାର୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ଗୁଜୁରାଟୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ସ୍ୱାମୀଜୀଙ୍କ ସମେତ ପଣ୍ଡିତ୍ ପଣ୍ଡା, ଆର୍ଯ୍ୟସମାଜ ଭଦ୍ରକର ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା, ସଭାପତି ସୁଶୀଳା ରାଣୀ ଗୁପ୍ତା, ଗୁଜୁରାଟୀ ସମାଜର ସଭାପତି ନାଜିଭାଇ ପଟେଲ ଉପସ୍ଥିତ ଥିଲେ। ସମାଜର ସହସମ୍ପାଦକ ରବିନାରାୟଣ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାତଃ ଯୋଗ କାର୍ଯ୍ୟକ୍ରମକୁ ପତଳି ଯୁବା ଭାରତର ରାଜ୍ୟ ମୁଖ୍ୟ ପୀତାମ୍ବରଜୀ ପରିଚାଳନା କରିଥିଲେ।

### ବିଶ୍ୱ ହାତଧୁଆ ଦିବସ ପାଳିତ

**ଭଦ୍ରକ ଅଫିସ, ୧୫।୧୦:** ମଙ୍ଗଳବାର ଆଦାନୀ ଫାଉଣ୍ଡେଶନ ତରଫରୁ ବିଶ୍ୱ ହାତଧୁଆ ଦିବସ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଜାଗୁଲା ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାବ୍ୟତୀତ ଆଖପାଖ ଅଞ୍ଚଳର ୫୦ ବିଦ୍ୟାଳୟରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ଆଦାନୀ ଫାଉଣ୍ଡେଶନର ଏହି ବିଶ୍ୱ ହାତଧୁଆ ଦିବସ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରକଳ୍ପ ସୁପୋଷଣ ସଙ୍ଗିନୀମାନେ ଅଧିକ ପୁଷ୍ଟିବାଧିତ ପିଲାମାନଙ୍କ ଘରକୁ ଯାଇ ଠିକ୍ ଭାବେ କିଭଳି ହାତଧୁଆ ଯିବ ସେ ନେଇ ପ୍ରଦର୍ଶନ ମାଧ୍ୟମରେ ବୁଝାଇଥିଲେ।

# 'କଳା ଓ ସଙ୍ଗୀତ ଦ୍ୱାରା ପରିବର୍ତ୍ତନ ସମ୍ଭବ'

**ବନ୍ତ,୧୫।୧୦(ସ୍ୱ.ପ୍ର.)**

କଳା ଓ ସଙ୍ଗୀତର ଯାଦୁକରୀ ପ୍ରଭାବ ରହିଛି। ଏହା ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଆଣିବା ସମ୍ଭବ। ଏଥିଲାଗି ଗ୍ରାମାଞ୍ଚଳର କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଓ ଏହାର ପ୍ରଚାର ପ୍ରସାର ଲାଗି ସେ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଶିକ୍ଷା ଦେଉଛନ୍ତି ବୋଲି ସଙ୍ଗୀତ ଜଗତରେ ବହୁମୁଖୀ ପ୍ରତିଭାର ଅଧିକାରୀ ସୁପରିଚିତ କଳାକାର ନୃସିଂହ କର ମତବ୍ୟକ୍ତ କରିଛନ୍ତି।

ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ଚକ୍ରାପାଢୀ ଗ୍ରାମରେ ନୃସିଂହଙ୍କ ଘର। ପିଲାଦିନୁ ସଙ୍ଗୀତ କଳା ପ୍ରତି ଆକୃଷ୍ଟ ହୋଇଥିଲେ। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ଯନ୍ତ୍ର ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ପରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ସହାୟତାରେ ଆଗରପଡାସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ସେବାରେ ନିଯୁକ୍ତି ପାଇବା ସହିତ ଉଚ୍ଚଶିକ୍ଷା ଲାଭ କରିଥିଲେ। ସଙ୍ଗୀତ ବାଦ୍ୟଯନ୍ତ୍ରରେ ଚଣ୍ଡିଗଡ ବିଶ୍ୱ ବିଦ୍ୟାଳୟରୁ ବିଶାରଦ, ଡିପ୍ଲୋମା ଓ ଡିଗ୍ରୀ ହାସଲ କରିଥିଲେ। ଓଡିଶାର ସମସ୍ତ ଆଗଧାଡିର ସଙ୍ଗୀତକାରଙ୍କ ସହ ସଙ୍ଗୀତ ପରିବେଷଣର ସୁଯୋଗ ପାଇବା ସହ ହାରମୋନିୟମ, ତବଲା, ବେହେଲା, ଗୀଟାର, ଇଲେକ୍ଟ୍ରୋନିକ୍ସ କେସିଓ ଆଦି ବାଦ୍ୟ ଯନ୍ତ୍ରରେ ସେ ନିଜ ପ୍ରତିଭା ଫୁଟାଇ ପାରିଛନ୍ତି। ସଙ୍ଗୀତ ମଧ୍ୟମରେ ସାମାଜିକ ସଚେତନା ସୃଷ୍ଟି ଲାଗି ସେ ଗଢିଛନ୍ତି 'ଲୋକଶକ୍ତି' ଅନୁଷ୍ଠାନ। ଭାରତ ସରକାରଙ୍କ ସଙ୍ଗୀତ ନାଟକ ବିଭାଗ ଦ୍ୱାରା ମନୋନୀତ ହୋଇ ଓଡିଶାର ବିଭିନ୍ନ ପ୍ରାନ୍ତରେ ସଙ୍ଗୀତ ଓ ପଥପ୍ରାନ୍ତ ନାଟକ ପରିବେଷଣ କରି ପରିବେଶ, ସ୍ୱାସ୍ଥ୍ୟ, ନାରୀଶିକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ, ବୃକ୍ଷରୋପଣ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରି ଆସିଛନ୍ତି। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସେବା ସଂଘରେ ଯୋଗ ଦେଇ ଯୋଗ ମାଧ୍ୟମରେ ସୁସ୍ଥ ଶରୀର ଗଠନ ଲାଗି ଲୋକଙ୍କୁ ବୁଝାଇଛନ୍ତି।

ନୃସିଂହ କହନ୍ତି, କଳା ଓ ସଙ୍ଗୀତ ମୋ ଜୀବନ। ମନରେ ଯେତେ ଦୁଃଖ ଥିଲେ ମଧ୍ୟ ସଙ୍ଗୀତର ତାଳେ ତାଳେ ତାହା ସ୍ୱତଃ ଅପସରି ଯାଇଥାଏ। ସମ୍ବଳ ଅଭାବରୁ ଆଗକୁ ବଢିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ଥିଲେ ବି ସେ ସଂଘର୍ଷ ଜାରି ରଖିଛନ୍ତି। ପିଲାଙ୍କୁ ସଙ୍ଗୀତ ଶିକ୍ଷା ଦେଇ ସେମାନଙ୍କୁ ସଫଳ କଳାକାର ଭାବେ ଗଢିପାରିଲେ ତାଙ୍କ ଜୀବନ ସାର୍ଥକ ହେବ ବୋଲି କହିଛନ୍ତି।

ସଙ୍ଗୀତ ସାଧନାକୁ ଆଦରି ନେବା ପରଠାରୁ ସେ ଛୋଟବଡ ଥିଏଟର ଓ ଅପେରା ଗଢିବା ସହ କଳାର ପ୍ରଚାର ପ୍ରସାର ଲାଗି କାର୍ଯ୍ୟ କରି ଆସୁଛନ୍ତି। ଭାରତ ସରକାରଙ୍କ ସଙ୍ଗୀତ ନାଟକ ବିଭାଗ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ 'ଲୋକଶକ୍ତି' ସଂସ୍ଥା ଜରିଆରେ ଓଡିଶାର ବିଭିନ୍ନ ସ୍ଥାନ ବୁଲି ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରି ସେ ଯଥେଷ୍ଟ ଆନନ୍ଦ ଅନୁଭବ କରିଛନ୍ତି। ସମ୍ପ୍ରତି ଆଗରପଡା ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଶିକ୍ଷା ଦେଉଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ସଙ୍ଗୀତ ପରିବେଷଣ କରି ସେ ସମବେତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି। ଶେଷ ଜୀବନ ପର୍ଯ୍ୟନ୍ତ ସେ କଳା ସଙ୍ଗୀତକୁ ନେଇ ଜିଇବେ ବୋଲି କହିଛନ୍ତି।

**ବହୁମୁଖୀ ପ୍ରତିଭାର ଅଧିକାରୀ ନୃସିଂହ**



ହାରମୋନିୟମ ସହିତ ନୃସିଂହ।

## ଘେରିଲେ ମହିଳା, ଉଦ୍ଧାର କଲା ପୋଲିସ

**ବନ୍ତ,୧୫।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଧନିଓଖା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନାଗତ ଅବ୍ୟବସ୍ଥା ନେଇ ଗ୍ରାମର ମହିଳାମାନେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମଙ୍ଗଳବାର ପ୍ରଧାନ ଶିକ୍ଷକଙ୍କୁ ଘେରାଉ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ସେଠାରୁ ଉଦ୍ଧାର କରିଥିଲା। ଆନ୍ଦୋଳନକାରୀ ମହିଳାମାନେ କହିଛନ୍ତି ଯେ, ଅଭିଭାବକ, କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଦାବି କ୍ରମେ ଏଠାକାର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବା ଲାଗି ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସରୁ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରସ୍ତାବ ପଠାଯାଇଥିଲା। ଏହା ମଧ୍ୟରେ ଏକ ମାସ ବିତି ଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗତ କିଛି ଦିନ ହେବ ପୂଜା ଛୁଟି ପାଇଁ ବିଦ୍ୟାଳୟ ବନ୍ଦ ରହିବା ପରେ ମଙ୍ଗଳବାର ଖୋଲିଥିଲା। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବାରୁ ତାଙ୍କୁ ଘେରାଉ କରାଯାଇଥିଲା। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି କରିବା ଲାଗି ଜିଲା ଶିକ୍ଷାଧିକାରୀଙ୍କୁ ପ୍ରସ୍ତାବ ପଠାଯାଇଛି ବୋଲି କହିଛନ୍ତି।

## ପୌରପାଳିକା କାର୍ଯ୍ୟାଳୟ ଘେରାଉ ପାଇଁ ଚେତାବନୀ

**ବାସୁଦେବପୁର, ୧୫।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବିଭିନ୍ନ ସମସ୍ୟା ସମାଧାନ ହେଉ ନ ଥିବା ପ୍ରତିବାଦରେ ସ୍ଥାନୀୟ ନଗର କଂଗ୍ରେସ କମିଟି ଆନ୍ଦୋଳନ ଚେତାବନୀ ଦେଇଛି। ଆଗାମୀ ୭ ଦିନ ମଧ୍ୟରେ ପ୍ରତିକାର ନ ହେଲେ ଆଗାମୀ ସପ୍ତାହରେ ବୁଧବାର ଦଳ ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳ ସୂଚନା ଦେଇଛି।

ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ଅଶୋକ କୁମାର ଦାସଙ୍କ ସମେତ ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ଉପସଭାପତି ତାରାକାନ୍ତ ଡାଙ୍ଗୁଆ, ବରିଷ୍ଠ ନେତା ରତ୍ନାକର ମଲ୍ଲିକ, ବିଦ୍ୟାଧର ନାୟକ, ରାଜେନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଦର୍ଶାଇଥିଲେ ଯେ, ପୌରପାଳିକାର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡିଛି। ଆବାସ ଗୃହ ଅର୍ଥ ହିତାଧିକାରୀଙ୍କୁ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଇ ସେମାନଙ୍କ ଠାରୁ ବିଭିନ୍ନ ଆଳରେ ଅର୍ଥ ଆଦାୟ କରାଯାଉଛି। ସ୍ୱଚ୍ଛସାଥୀ, ସୁପରଭାଇଜର ଚୟନରେ ଚଞ୍ଚକତା କରାଯାଉଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ବିଦ୍ୟୁତ ଖୁଣ୍ଟ ବସାଇବା ଲାଗି ଅର୍ଥ ଦାବି କରାଯିବା ସହ ଦଳୀୟ ଭିତ୍ତିରେ ଖୁଣ୍ଟ ପକାଯାଉଛି। ସହରର ପରିମଳ, ଡ୍ରେନେଜ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ ବିପର୍ଯ୍ୟସ୍ତ ହୋଇପଡିଛି। ସହର ମଝି ରାସ୍ତାରୁ ବର୍ଷାଜଳ ନିଷ୍କାସନ ନ ହେବା, ରାଶନକାର୍ଡ ପ୍ରସ୍ତୁତିରେ ଚଞ୍ଚକତା ଭଳି ବିଭିନ୍ନ ଅଭିଯୋଗ ସମ୍ପର୍କରେ ନଗର କଂଗ୍ରେସ ପକ୍ଷରୁ ଗତ ୪ ତାରିଖରେ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଯାଏ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ କହିଥିଲେ।

## ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

**ଧାମନଗର ୧୫।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର ପଧାନୀ ପଞ୍ଚାୟତରେ ଉଜ୍ଜଳ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ଏହି ଉତ୍ସବରେ ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସେ ପଞ୍ଚାୟତର ମୁକ୍ତେଶ୍ୱର ମନ୍ଦିର, ଦଶନ୍ଧିକୂଳ, କଣ୍ଟଦା, କଇଥାଡ଼ିହ ଆଦି ସ୍ଥାନରେ ନୂତନ ଆଲୋକୀକରଣ ପ୍ରକଳ୍ପର ଉଦଘାଟନ କରିଥିଲେ। ଅଶୋକ କୁମାର ପୁହାଣଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସରପଞ୍ଚ ସୁଜାତା ପୁହାଣ, ଜିଲା ଭାଜପା ଉପସଭାପତି ଚତୁର୍ଭୁଜ ନାୟକ, ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ଓବିସି ମୋର୍ଚ୍ଚାର ଜିଲା ସଭାପତି ବୁଦ୍ଧଦେବ ଜେନା, ମିଡ଼ିଆସେଲ ଜିଲା ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

■ ଡାକ୍ତରଖାନା ବାରଣ୍ଡାରେ ଯମଜ ଶିଶୁ ଜନ୍ମ ଘଟଣା

## ପ୍ରସୂତିଙ୍କୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

**ଭଦ୍ରକ ଅଫିସ,୧୫।୧୦**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ସୋମବାର ଜଣେ ପ୍ରସୂତି ପିଲା ଜନ୍ମ କରିବା ଘଟଣାପରେ ମଙ୍ଗଳବାର ଭାଜପା ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପ୍ରସୂତିଙ୍କୁ ଭେଟି ଫେରିଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାରେ ସମ୍ପୃକ୍ତା ମହିଳାଙ୍କୁ ଭେଟି ତାଙ୍କର ଏବଂ ଜନ୍ମିତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ କିଭଳି ପରିସ୍ଥିତିରେ ବିଭାଗୀୟ ଡାକ୍ତର ଆସନ୍ନ ପ୍ରସବା ରାନୁଲତା ଖିଲାରଙ୍କୁ ଚିକିତ୍ସା କରିବା ବଦଳରେ କଟକ ପଠାଇବାକୁ ନିର୍ଦ୍ଦେଶ ଦେଲେ ସେ ବିଷୟରେ ସୂଚନା ସଂଗ୍ରହ କରିଥିଲେ। ପରେ ଟିମ୍‌ର ସଦସ୍ୟାମାନେ ସିଡିଏମ୍‌ଓ ଡା. ଆର୍ଯ୍ୟ ମିଶ୍ରଙ୍କୁ ଭେଟି ପୂରା ଘଟଣାକ୍ରମ ନେଇ ଆଲୋଚନା କରି ରୋଗୀଙ୍କୁ ସର୍ବନିମ୍ନ ଚିକିତ୍ସା ସୁବିଧା ଦିଆ ନ ଯିବା ଏବଂ ଗର୍ଭବତୀ ମହିଳା ୱାର୍ଡ ବାରଣ୍ଡାରେ ପିଲା ଜନ୍ମ ଦେବା ସମୟରେ କୌଣସି ଡାକ୍ତର କିମ୍ବା ନର୍ସ ସହାୟତା କରିବାକୁ ଆଗେଇ ନ ଆସିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କ୍ଷେତ୍ରରେ ଏଭଳି ଅପରିଣାମଦର୍ଶୀ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ସେମାନେ ଦର୍ଶାଇଥିଲେ। ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା ଏବଂ ଜିଲା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲକୁ ଯାଇଥିବା ପ୍ରତିନିଧି ଦଳରେ ଜିଲା ଉପସଭାନେତ୍ରୀ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ସୁମିତ୍ରା ପାଣି, ସାଧାରଣ ସମ୍ପାଦିକା ମନୋରମା ପାତ୍ର, ପୁଷ୍ପାଞ୍ଜଳି ବେହେରା, ଆଇଟିସେଲର ସଂଯୋଜିକା ତପସ୍ୱିନୀ ମହାପାତ୍ର, ନଗର ସଭାନେତ୍ରୀ ଉର୍ମିଳା ସାହୁ, ଉପସଭାନେତ୍ରୀ ପଦ୍ମିନୀ ଦ୍ୱିବେଦୀ ପ୍ରମୁଖ ସାମିଲ ଥିଲେ। ଭଦ୍ରକ ଜିଲା ଭାଜପା ସଭାପତି ବଦ୍ରି ନାରାୟଣ ଧଳ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ।



ପ୍ରସୂତୀଙ୍କୁ ଭେଟୁଛନ୍ତି ଭାଜପା ମହିଳା ପ୍ରତିନିଧି ଦଳ।

## ପୂଜା ମଣ୍ଡପ ବାଣ୍ଟୁଛି ସାମାଜିକ ସଚେତନତାର ବାର୍ତ୍ତା



ବେତଡା ପୁରାତନ ପୂଜା ମଣ୍ଡପ।

**ବାସୁଦେବପୁର, ୧୫।୧୦ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ବେତଡା ବଜାର ଲକ୍ଷ୍ମୀ ପୂଜା ପାଳନ ଅବସରରେ ଉତ୍ସବମୁଖର ହୋଇଉଠିଛି। ପୂର୍ବବର୍ଷ ଭଳି ଏଥର ୪ ମଣ୍ଡପରେ ମା' ଧନଲକ୍ଷ୍ମୀଙ୍କ ପୂଜା କରାଯାଉଛି। ରଙ୍ଗିନ ଆଲୋକମାଳାରେ ବେତଡା ବଜାରକୁ ସୁସଜ୍ଜିତ କରାଯାଇଛି। ପୂଜା ମଣ୍ଡପ ଆଗରେ ଶୋଭା ପାଉଛି ଆକର୍ଷଣୀୟ ତୋରଣ। ପାର୍ଶ୍ୱ ଦେବଦେବ ମୂର୍ତ୍ତି ଜରିଆରେ ସାମାଜିକ ସଚେତନତାର ବାର୍ତ୍ତା ଭକ୍ତଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଛି। ରବିବାର ସନ୍ଧ୍ୟାରେ କଳସ ପୂଜା, ହୋମ, ଯଜ୍ଞ ସହିତ ମୂର୍ତ୍ତି ପୂଜା ବିଧି ମୁତାବକ ସମାପନ ହେବା ପରଠାରୁ ପ୍ରତିଦିନ ଭକ୍ତଙ୍କ ସମାଗମ ବୃଦ୍ଧି ପାଇବାରେ ଲାଗିଛି।

ବେତଡାର ସବୁଠୁଁ ପୁରୁଣା ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ହାଟମଝିରେ ଥିବା ମା' ଲକ୍ଷ୍ମୀ ପୂଜାମଣ୍ଡପରେ ପାର୍ଶ୍ୱ ମୂର୍ତ୍ତି ଭାବେ ଟ୍ରାଫିକରେ ବାଇକ୍ ହେଲମେଟ୍ ଯାଞ୍ଚ ସମେତ ପୌରାଣିକ ଉପାଖ୍ୟାନକୁ ନେଇ ମୂର୍ତ୍ତିମାନ ସ୍ଥାନ ପାଇଛି। ସାମାଜିକ ସଚେତନତାର ବାର୍ତ୍ତା ପ୍ରଚାର ଲାଗି ପୂଜା ମାଧ୍ୟମରେ ଉଦ୍ୟମ କରାଯାଉଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଗୋରୁହାଟ ପୂଜାମଣ୍ଡପ, କଚେରି ବଜାର ପୂଜାମଣ୍ଡପ ଓ କେନାଲଆଡି ପୂଜା ମଣ୍ଡପରେ ମା 'ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ସମେତ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି ଆକର୍ଷଣୀୟ ହୋଇଛି। ବେତଡା ବଜାରରେ ପ୍ରାୟ ଦୁଇ ସପ୍ତାହ ଧରି ଆୟୋଜିତ ହେଉଥିବା ଏହି ପୂଜା ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବାସୁଦେବପୁର ଧାମରା ରୋଡ ଓ କଲେଜ ରୋଡରେ ଦୁଇଟି ପୂଜା ମଣ୍ଡପ ସହିତ ଆର୍ଡୁଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମଧ୍ୟ ମା' ଲକ୍ଷ୍ମୀଙ୍କର ଆରାଧନା କରାଯାଉଛି।

## ବଜରଙ୍ଗ ଦଳର ବିକ୍ଷୋଭ, ମମତାଙ୍କ କୁଶ ପୁତ୍ତଳିକା ଦାହ

**ଭଦ୍ରକ ଅଫିସ, ୧୫।୧୦**

ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ ଅଫିସ ସାମ୍ନାରେ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପଶ୍ଚିମବଙ୍ଗରେ ହିନ୍ଦୁ ବିରୋଧୀ ଏବଂ ଗଣତନ୍ତ୍ରର ହତ୍ୟାକାରୀ ମମତା ବାନାର୍ଜୀଙ୍କ ତୃଣମୂଳ ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଦାବି କରାଯାଇଥିଲା। ବନ୍ଧୁ ପ୍ରକାଶ ପାଲଙ୍କ ପରିବାର ଭିତରେ ପଶି ହତ୍ୟାକାଣ୍ଡ ଭିଆଇଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡବିଧାନ କରି ଫାଶୀ ଦେବା ଲାଗି ପାଇଁ ଦାବି କରାଯିବା ସହ ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେଠାରୁ ବିତାଡିତ କରାଯାଉ ବୋଲି ବିକ୍ଷୋଭ ପ୍ରଦର୍ଶନକାରୀମାନେ ଦାବି କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବଜରଙ୍ଗ ଦଳ ଜିଲା ସଂଯୋଜକ ବିପିନ ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ରାଜ୍ୟ ସଂଯୋଜକ ମାନସ ମହାନ୍ତି, ବିଭାଗ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ, ନଗର ସଂଯୋଜକ ଦେବାଶିଷ ଗ୍ରହାଚାର୍ଯ୍ୟ, ହିମାଂଶୁ ପଣ୍ଡା, ବାପୁନ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବିଜୟ ସିହ୍ନା, ଉପସଭାପତି କୈଳାସ ଦାସ, ବରିଷ୍ଠ କାର୍ଯ୍ୟକର୍ତ୍ତା ନିରଞ୍ଜନ ସାହୁ, ବିଜୟ ଭୂଷଣ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଚୋରି

**ଭଦ୍ରକ ଅଫିସ, ୧୫।୧୦**

ଭଦ୍ରକ ଟାଉନ ଥାନା ଅଞ୍ଚଳରେ ବାଇକ୍‌ଲୁଟେରାଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ରାନ୍ଧିଆ ଗ୍ରାମର ରମେଶ ଚନ୍ଦ୍ର ଉପାଧ୍ୟାୟ ଭଦ୍ରକ ଓଟି ମାର୍କେଟ୍‌କୁ କୌଣସି ଏକ କାମରେ ଆସିଥିବା ବେଳେ ତାଙ୍କର ଆକ୍ଟିଭା ଗାଡିଟି କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଥାନାରେ ସୋମବାର ଏତଲା ଦାଏର କରିଛନ୍ତି। ସେହିଭଳି ନାଲଗିରା ଅଞ୍ଚଳର ଅଜିତ କୁମାର ରଣା ବଙ୍କସାହିରେ ଭଡାରେ ରହୁଥିବା ବେଳେ ସୋମବାର ସନ୍ଧ୍ୟାରେ ତାଙ୍କ ଗ୍ଲାମର ଗାଡି ଘର ସମ୍ମୁଖରୁ କେହି ଚୋରି କରି ନେଇଥିବା ସେ ଏତଲା ଦାଏର କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଗଢ଼ିଛି ଏକ ଭିନ୍ନ ସମ୍ପର୍କର ସେତୁ

**ଭଣ୍ଡାରିପୋଖରୀ, ୧୫।୧୦ (ଡି.ଏନ.ଏ.)**

ଗ୍ରାମବାସୀଙ୍କ ସହଯୋଗରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ କହରାପୋଖରୀ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଏଥର ଜାକ ଜମକରେ ପାଳିତ ହେଉଛି। ଚଳିତ ବର୍ଷ ଏହି ପୂଜା ୪୦ ବର୍ଷରେ ପହଞ୍ଚିଛି। ଏଥିପାଇଁ କହରାପୋଖରୀ ଗ୍ରାମ ପରିବେଶ ଉତ୍ସବ ମୁଖର ହୋଇଉଠିଛି। ଆକର୍ଷଣୀୟ ତୋରଣ ଓ ରଙ୍ଗ ବେରଙ୍ଗର ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ଭଜନ ସନ୍ଧ୍ୟା ଓ ବାଦି ପାଲା ଭଳି ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଗ୍ରାମବାସୀ ଏହି ପୂଜା ପାଳନ କରିବା ସହିତ ଯେଭଳି ପରିବେଶ ପ୍ରଦୂଷଣ ନ ହେବ ସେଥିପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରୁଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ଏହି ପୂଜା ଏକତା ଓ ସହଯୋଗର ଏକ ଭିନ୍ନ ସମ୍ପର୍କ ଗଢି ତୋଳିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାର୍ବଜନୀନ ପୂଜାରେ ସାମିଲ ହୋଇ ଆଶୀର୍ବାଦ କାମନା କରିଥାନ୍ତି।

କହରାପୋଖରୀ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳନ ନେଇ ଏକ ଜନଶ୍ରୁତି ରହିଛି। ୧୯୭୯ରେ ଗାଁର କୁନ୍ତଳା ନାମ୍ନୀ ଜଣେ ମହିଳା ମା'ଙ୍କ ସ୍ୱପ୍ନାଦେଶ ପାଇ ତାଙ୍କ ସ୍ୱାମୀ ଡମ୍ବରୁଙ୍କୁ ଏହି ପୂଜା କରିବାକୁ କହିଥିଲେ। ସେତେବେଳେ ସେ ଗରିବ ଥିଲେ ମଧ୍ୟ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ। ସେହିଦିନ ଠାରୁ ଏହି ପୂଜା ହୋଇ ଆସୁଛି। ବର୍ତ୍ତମାନ ଗାଁର ୪୦ ପରିବାର ଏଥିରେ ସମ୍ମିଳିତ ହୋଇ ପୂଜାର୍ଚ୍ଚନା କାର୍ଯ୍ୟ କରୁଛନ୍ତି। କୁନ୍ତଳାଙ୍କ ମୃତ୍ୟୁ ପରେ ତାଙ୍କ ସାନଭାଇ ପ୍ରାଣବନ୍ଧୁ ବେହେରା ଓ ସେବତୀ ବେହେରା ସ୍ଥାନୀୟ ସତ୍‌ସଙ୍ଗ ମନ୍ଦିର ପୋଖରୀରୁ ଘଟ ଉତ୍ତୋଳନ କରିବା ସହ ପୂଜାରେ ସଂକଳ୍ପ କରି ଆସୁଛନ୍ତି। ପୂଜକ ଭାବେ ଶ୍ରୀକାନ୍ତ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ଗତ ରବିବାର ପୂଜା ଚାଲିଥିବା ବେଳେ ଏକ ରାଜ ପେଚା ଆସି ମା'ଙ୍କ ସମ୍ମୁଖରେ ଥିବା ଏକ ବାଉଁଶରେ ବସି ପରେ ପଳାଇଥିଲା ବୋଲି ପୂଜକ ଓ ଅନ୍ୟମାନେ କହିଛନ୍ତି। ଭକ୍ତି ଓ ବିଶ୍ୱାସର ଭାବନା ସୃଷ୍ଟି କରି ଆସୁଥିବା କହରାପୋଖରୀ ଗଜଲକ୍ଷ୍ମୀ ପୂଜା ସ୍ଥାନୀୟ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।



କହରାପୋଖରୀ ଗଜଲକ୍ଷ୍ମୀ ପୂଜା।

## ସଂକ୍ଷେପରେ

### ନବଜାତକ ମୃତଦେହ ଉଦ୍ଧାର

**ଖଇରା,୧୫।୧୦(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଦୀଘିତେନ୍ତୁଳି ଗ୍ରାମ ନିକଟରେ ନିର୍ମାଣାଧୀନ କେନାଲରୁ ମଙ୍ଗଳବାର ଏକ ନବଜାତକ ମୃତଦେହ ଉଦ୍ଧାର କରାଯାଇଛି। ଖଇରା ଥାନା ଏଏସ୍ଆଇ ବାସୁଦେବ ମହାନ୍ତି ପହଞ୍ଚି ତାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୧୯) ରୁଜୁ କରାଯାଇଛି । ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମବାସୀ ପାଣିରେ ନବଜାତକଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

### ଦାଦନ ଖଟିବାକୁ ଯାଇ ଆକ୍ରମଣର ଶିକାର ମଧ୍ୟସ୍ଥିଙ୍କୁ ଦାୟୀ କଲେ ପତ୍ନୀ

**ଖଇରା,୧୫।୧୦(ଡି.ଏନ.ଏ.):**ଖଇରା ଥାନା ଅଧୀନ ଗଣ୍ଡିବେଡ ଗ୍ରମର ଶିବ ପ୍ରସାଦ ବେହେରା ଜଣେ ମଧସ୍ଥିଙ୍କ ପ୍ରରୋଚନାରେ ଦାଦନ ଖଟିବାକୁ ବମ୍ବେ ଯାଇ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏଭଳି ଆକ୍ରମଣ ପାଇଁ ପତ୍ନୀ ପିଙ୍କି ବେହେରା ମଧସ୍ଥିଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପତ୍ନୀ ପିଙ୍କି କଲିକତାରେ ରହୁଥିବା ବେଳେ ଶିବ ଓ ତାଙ୍କ ପୁଅ ଘରେ ରୁହନ୍ତି । ୧୦ତାରିଖରେ କୌଣସି ଅଜଣା ବ୍ୟକ୍ତି ତାଙ୍କ ସ୍ୱାମୀକୁ ବୁଝାଇ କାମଧନ୍ଦାରେ ଲଗାଇବାକୁ ବମ୍ବେ ନେଇ ଯାଇଥିଲେ । ଉକ୍ତ ମଧସ୍ଥି ୫ଦିନ ପରେ ପତ୍ନୀ ପିଙ୍କିଙ୍କୁ ଫୋନ କରି ସ୍ୱାମୀଙ୍କୁ ଟ୍ରେନରେ ବସାଇ ଘରକୁ ପଠାଇ ଦେଇଛନ୍ତି ବୋଲି କହିଥିଲେ। ୧୫ତାରିଖ ସକାଳେ ଶିବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ୱାମୀଙ୍କୁ ଆମ୍ବୁଲାନ୍ସରେ ଧରି ପିଙ୍କି ଖଇରା ଥାନାରେ ଲିଖିତ ଅଭିଯୋଗ ପରେ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଛି।

### ଦୁର୍ଘଟଣାରେ ୨ ଆହତ

**ବସ୍ତା, ୧୫।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ଦରଡା ସାହାଡା ରାସ୍ତାରେ ମଙ୍ଗଳବାର ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ଇଡଦା ପଞ୍ଚାୟତ ଗମ୍ଭାଲୁଣ୍ଡି ଗ୍ରାମର ଅବନୀକାନ୍ତ ବେହେରା ଛକରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ସାହାଡା ଗ୍ରାମର ଛୋଟା ବରଙ୍କ ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଦୁଇ ବାଇକ ଚାଳକ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ବସ୍ତା ଡାକ୍ତରଖାନା ନେଇଯାଇଥିଲେ। ଅବନୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇଛି।

### ଦେଶୀ ମଦ ଜବତ

**ବାଲେଶ୍ୱର ଅଫିସ,୧୫।୧୦:** ସୋମବାର ରାତିରେ ଏକ ମିନି ଟ୍ରକ୍‌ରେ ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକ ସଦଳବଳ ଚଢ଼ାଉ କରିଥିଲେ। ଖନ୍ତାପଡ଼ା ଥାନା ପଣପଣା ନିକଟରେ ଉକ୍ତ ମିନି ଟ୍ରକ୍ (ନଂ. ଓଡ଼ି୦୧ଜେଡ୍-୨୯୪୭)କୁ କାବୁ କରାଯାଇଥିଲା। ହେଲେ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଥିଲେ। ଟ୍ରକ୍ ଭିତରୁ ୯୬୦ ଲିଟର ଦେଶୀ ମଦକୁ ଜବତ କରାଯାଇ ଗାଡି ସହ ଥାନାକୁ ଅଣାଯାଇଛି। ଭ୍ରାମ୍ୟମାଣ ଥାନାରେ ମାମଲା (ନଂ. ୧୩୪/୧୯-୨୦) ରୁଜୁ କରାଯାଇଛି।

### ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା

**ବାଲେଶ୍ୱର ଅଫିସ, ୧୫।୧୦:** ସିମୁଳିଆ ଥାନା ଖଇରା ବ୍ଲକ ଗଣ୍ଡିବେଡ଼ ଅଞ୍ଚଳର ମମତା ଜେନା ୨୦୧୦ ମେ' ମାସରୁ ଗଣ୍ଡିବେଡ଼-୨ର ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ଗତ ଜୁନ୍ ୧୮ ତାରିଖରେ ସେ ଅସୁସ୍ଥ ହୋଇ ଛୁଟିରେ ଥିବା ବେଳେ ତାଙ୍କୁ ନିଲମ୍ବନ କରାଯାଇ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ବେଆଇନ ଦର୍ଶାଇ ତାଙ୍କ ପରିବାରର ସଦସ୍ୟ ଓ କେତେକ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିଲେ। ସହଦେବଖୁଣ୍ଟା ମଡ଼େଲ ଥାନାଧିକାରୀ ପରେଶ ରାଉତ ପହଞ୍ଚି ସେମାନଙ୍କୁ ନେଇ ଅତିରିକ୍ତ ଜିଲାପାଳ ସମ୍ପିତ ନାୟକଙ୍କ ସହିତ ଆଲୋଚନା କରାଇଥିଲେ। ଅଗଷ୍ଟ ୨୨ ତାରିଖରେ ନିଲମ୍ବନ ଆଦେଶ ପାଇବା ପରେ ମମତା ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅତିରିକ୍ତ ଜିଲାପାଳ ନାୟକ ତାଙ୍କୁ ବୁଝାଇ ଧାରଣାରୁ ହଟାଇଥିଲେ।

# ଅବ୍ୟବସ୍ଥା ଘେରରେ ଜିଲାପାଳଙ୍କ କାର୍ଯ୍ୟାଳୟ

**ବାଲେଶ୍ୱର ଅଫିସ, ୧୫।୧୦**

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଭିନ୍ନ କାମରେ ଜିଲାପାଳଙ୍କ ଅଫିସକୁ ଆସୁଥିବା ଶତାଧିକ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପାନୀୟଜଳ ସୁବିଧା ନ ଥିବା ବେଳେ ଏକମାତ୍ର ଶୌଚାଳୟ ଅକାମୀ ହୋଇପଡିଛି। ଫଳରେ ଶତାଧିକ ଲୋକ ଖୋଲା ଜାଗାରେ ପରିସ୍ରା କରିବାକୁ ବାଧ ହେଉଛନ୍ତି। ପ୍ରତିଦିନ ଜିଲାସ୍ତରୀୟ ଅଧିକାରୀମାନେ ଯା'ଆସ କରୁଥିଲେ ମଧ ଏସବୁ ସମସ୍ୟା ଉପରେ କାହାରି ନଜର ପଡୁନି। ଏନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରଶାସନିକ ଅଧିକାରୀମାନେ କେବଳ ଲୋକ ଦେଖାଣିଆ ସଫେଇରେ ଭାଗ ନେଉଛନ୍ତି ବୋଲି ଏଥିରୁ ପ୍ରମାଣ ମିଳୁଥିବା ସମାଜସେବୀ ସୁଧାକର ସେଠୀ କହିଛନ୍ତି।



ଶୌଚାଳୟ ଚତୁଃପାର୍ଶ୍ୱ ଅନାବନା ଗଛରେ ଭର୍ତ୍ତି ହୋଇଛି।

- ଅକାମୀ ହୋଇପଡିଛି ଏକମାତ୍ର ଶୌଚାଳୟ
- ପାନୀୟ ଜଳ ଲାଗି ଲୋକେ ହନ୍ତସନ୍ତ

ଉଲ୍ଲେଖନୀୟ ଯେ, ରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ ଏବଂ ଭାରତୀୟ ବାଣିଜ୍ୟ ଓ ଉଦ୍ୟୋଗମଣ୍ଡଳ ମହାସଂଘର ତ୍ୱରିତ୍ ପ୍ରୟୋଗିକା ମୂଲ୍ୟାଙ୍କନ ଓ ବ୍ୟବସାୟୀକରଣ କାର୍ଯ୍ୟକ୍ରମ ଅଧୀନରେ ଗତ ୨୦୧୩ ମେ' ୨୪ ତାରିଖରେ ଜିଲାପାଳଙ୍କ ଅଫିସ୍ ପରିସରରେ 'ବାୟୋଡାଇଜେଷ୍ଟର ଟେକ୍ନୋଲୋଜି ଆଧାରିତ ପରିମଳ ଓ ପାନୀୟଜଳ କ୍ୟାମ୍ପସ୍' ଉଦ୍‌ଘାଟିତ ହୋଇଥିଲା। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ (ସ୍ୱାଧୀନ) ଶ୍ରୀକାନ୍ତ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ । ସେହି ସମୟରେ ଖ୍ୟାତନାମା ବୈଜ୍ଞାନିକ ଏବଂ ମୁଖ୍ୟ ନିୟନ୍ତ୍ରକ ଆର୍ ଏଣ୍ଡ ଡି (ଲାଇଫ ସାଇନ୍ସ), ଡିଆରଡିଓ ହେଡ୍ କ୍ୱାର୍ଟର ନୂଆଦିଲ୍ଲୀ ଡ. ମାନସ କୁମାର ମଣ୍ଡଳ, ତତ୍କାଳୀନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପାଳ ରଣଜିତ୍ କୁମାର ମହାନ୍ତି, ଜିଲାପରିଷଦ ସଭାପତି ଊର୍ମିଳତା ଦାସ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସୁଜାତା ଦାସ, ଉପାଧ୍ୟକ୍ଷ ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଏହି ଶୌଚାଳୟ କିଛିଦିନ କାର୍ଯ୍ୟକ୍ଷମ ପରେ ଏହା ସମ୍ପୂର୍ଣ୍ଣ ଅକାମୀ ହୋଇପଡିଥିଲା। ବ୍ୟବହାର ନ ହେବାରୁ ଏହାର ଚତୁଃପାର୍ଶ୍ୱ ବଣଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡ଼ିଛି। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ଯଥାଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ପୂଜାକାଳୀନ ସେବା ଶିବିର ଉଦ୍‌ଯାପିତ





ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ରୂପ୍‌ସା, ୧୫।୧୦(ଡି.ଏନ.ଏ.)**

ବିକଶିତ ସମାଜ ଗଠନ ଦିଗରେ ସ୍ୱେଚ୍ଛାସେବୀ ଆଗଭର ହୁଅନ୍ତୁ। ପ୍ରତିଟି କ୍ଷେତ୍ରରେ ଛାତ୍ରୀଛାତ୍ର ସେବା ମନୋଭାବରେ ନିଜକୁ ନିୟୋଜିତ କରନ୍ତୁ। ବାସ୍ତବରେ ସେବା ଓ ତ୍ୟାଗରେ ହିଁ ରାଷ୍ଟ୍ରଭକ୍ତି ଉଦ୍ରେକ ହୋଇଥାଏ ବୋଲି ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ରଜନୀକାନ୍ତ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ପ୍ରାପ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବାଳକ ୟୁନିଟ୍‌ର ୭ଦିନିଆ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଗୌରାଙ୍ଗ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଡ଼ପଦା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିବିରରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି ଶିବିରାର୍ଥୀଙ୍କ ଭବିଷ୍ୟତ ନିର୍ମାଣ ଦିଗରେ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ରଣା ମଞ୍ଚାସୀନ ଥିଲେ। ଶିବିରରେ ରିସୋର୍ସପର୍ଶନ ଭାବେ ଡ. ମାନସ ରଞ୍ଜନ ସାମଲ, ଅଧ୍ୟାପକ ରଣଜିତ କୁମାର ବେହେରା, ପ୍ରାକ୍ତନ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ସ୍ୱାଇଁ, ଭବେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପୋଷଣ ଅଭିଯାନ, ଏଚ୍‌ଆଇଭି ଏଡ୍‌ସ, ଫିଟ୍ ଇଣ୍ଡିଆ ମୋମେଣ୍ଟ, ଗାନ୍ଧୀ କଥା କର୍ମଶାଳା, ଜୀବନ କୌଶଳ ଶିକ୍ଷା ଆଦି କାର୍ଯ୍ୟକ୍ରମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ନାରାୟଣ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ପପୁ ସେଠୀଙ୍କୁ ଶ୍ରେଷ୍ଠକର୍ମୀ ଓ ସ୍ୱାଭିମାନ ଜେନାଙ୍କୁ ଶ୍ରେଷ୍ଠ ଗ୍ରୁପ୍ ଲିଡ଼ର ଭାବେ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ପ୍ରୋଗ୍ରାମ ଅଫିସର ପଣ୍ଡା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବସ୍ତା, ୧୫।୧୦(ସ୍ୱ.ପ୍ର.)**

ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀର କର୍ମୀମାନେ ପୁଟୁରା ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବାଲିଆପାଟି ଛକ ନିକଟରେ ପହଞ୍ଚି ଥିଲେ। ସେଠାରେ ଯାତାୟାତ ହେଉଥିବା ବିଭିନ୍ନ ଗାଡ଼ିମୋଟରକୁ ଅଟକାଇ ସଡ଼କ ସୁରକ୍ଷା ଉପରେ ଗାଡ଼ିଚାଳକଙ୍କୁ ସତର୍କ କରାଯାଇଥିଲା। ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବା, କମ୍ ବୟସର ପିଲା ବାଇକ୍ ନ ଚଳାଇବା, ଭାରିଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ପିନ୍ଧିବା ଭଳି ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବବାହିନୀର ସଭାପତି ଗୁଣନିଧି ବାଗ, ସାମାଜିକ କର୍ମୀ ଗୌରାଙ୍ଗ ସାମନ୍ତ, ଖବରଦାତା ତ୍ରିଲୋଚନ ରାଉତ, ତୁଷାର ସାମନ୍ତ, ସୁଜିତ କୁମାର ମଣ୍ଡଳ, ଗୋପାଳ ବାଗ, ଅନୀଲ ଘଡ଼ାଇ, କାବେରୀ ବେହେରା, ଶୁଭଶ୍ରୀ ମହାନ୍ତି, ଦୀପକ ମୈକାପ, ଅନାଦି ମଣ୍ଡଳ, ଚନ୍ଦନ ବାରିକ, ପଞ୍ଚାନନ ସିଂ, ଅଶୋକ ମୈକାପ, ମହେନ୍ଦ୍ର ସିଂ, ମିହିର ଆଦେକ, କାର୍ତ୍ତିକ ଜେନା, ରାକେଶ ମୈକାପ, ତପନ ଜେନା, ତାରାକାନ୍ତ ରାଉଳ, ରିଦ୍ଧି ସୁନ୍ଦର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା

**ଜଳେଶ୍ୱର, ୧୫।୧୦**

ଜଳେଶ୍ୱର ବ୍ଲକ ଦକ୍ଷିଣପ୍ରହରାଜପୁର ପଞ୍ଚାୟତ ଶିବମନ୍ଦିର ପ୍ରାଙ୍ଗଣରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୮ନଂ. ଜୋନ୍‌ର ସୁବର୍ଣ୍ଣରେଖା ମଣ୍ଡଳ ତରଫରୁ ଅନୁଷ୍ଠିତ ଏହି ପଦଯାତ୍ରାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଭାଜପାର ଅନ୍ୟ କର୍ମୀମାନଙ୍କ ମଧ୍ୟରେ ଶାନ୍ତନୁ ପଟ୍ଟନାୟକ, ଅରୁଣ କୁମାର ବେଜ, ଜୋନ ସଭାପତି ବିଶ୍ୱରୂପ ଦାସ, ଫାଲ୍‌ଗୁନି ପାଣିଗ୍ରାହୀ ଓ ସୁବ୍ରତ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ପଦଯାତ୍ରାରେ ବକ୍ତାମାନେ ମଣିଷ ଜୀବନଧାରାରେ ପରିବର୍ତ୍ତନ, ପ୍ଲାଷ୍ଟିକମୁକ୍ତ ପରିବେଶ ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମଣନାଥସ୍ଥିତ ଅଗ୍ରୱାଲା ଛକରୁ ଏହି ପଦଯାତ୍ରା ବାହାରି ଗୁରୁଦାସପୁର, ଶ୍ରୀରାମପୁର, ଦକ୍ଷିଣପ୍ରହରାଜପୁର, ଖୁଦିଆମାଝିସାହି ପର୍ଯ୍ୟନ୍ତ ଯାଇଥିଲା। ଅତିଥି ଓ ନେତୃମଣ୍ଡଳୀମାନେ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

## ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

**ବାହାନଗା,୧୫।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ ଅଞ୍ଚଳରେ ମା' ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ବାହାନଗା ବଜାର ସମେତ ଗୋପାଳପୁର ବଜାର, ଦୋଳପୁର ଗ୍ରାମ, ଖନ୍ତାପଡା ବଜାର ଓ ଶ୍ରୀଜଙ୍ଗ ବଜାରରେ ଗଜଲକ୍ଷ୍ମୀଙ୍କ ପୂଜା ହେଉଛି। ପୂଜାମଣ୍ଡପଗୁଡିକ ଆର୍କଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି। ପ୍ରତ୍ୟେକ ପୂଜା ମଣ୍ଡପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ଦୀର୍ଘବର୍ଷ ଧରି ଦୋଳପୁର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଜାକଜମକରେ ଅନୁଷ୍ଠିତ ହେଉଛି। ଗୋପାଳପୁର ବଜାରରେ ଅନୁଷ୍ଠିତ ମା'ଙ୍କ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ଭଜନ ଆଦି ଅନୁଷ୍ଠିତ ହେବା ସହିତ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ନାଚ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ଖଇରା,(ଡି.ଏନ.ଏ.)**–ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ମା' ଗଜଲକ୍ଷ୍ମୀ ପୂଜା ଲାଗି ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି । ଖଇରା ବଜାର ଲକ୍ଷ୍ମୀ ମାର୍କେଟରେ ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଗହଳି ହେଉଛି। ରବିବାର ସନ୍ଧ୍ୟାରେ ନିକଟସ୍ଥ ଢଙ୍କଣ ନଦୀ କୋଚିଆକୋଇଲି ଘାଟରୁ ପ୍ରଶାନ୍ତ ଦାସ, ଲକ୍ଷ୍ମୀଧର ସାହୁ, ବସନ୍ତ କୁମାର ଖଟୁଆଙ୍କ ଦ୍ୱାରା କଳସ ଅଣାଯାଇଥିଲା । ପଣ୍ଡିତ ଦ୍ୱାରିକାନାଥ ଶତପଥି, ରମେଶ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମା'ଙ୍କୁ ଆବାହନ କରାଯାଇଥିଲା । ଏହି ପୂଜା ୫ଦିନ ଧରି ଚାଲିବ ଏବଂ ଶୁକ୍ରବାର ଭସାଣି କାର୍ଯ୍ୟକ୍ରମ ସଭାପତି ବାବୁଲା ପୃଷ୍ଟି ସୂଚନା ଦେଇଛନ୍ତି। ବୁଧବାର ମେଲୋଡି ଓ ଗୁରୁବାର ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ସମ୍ପାଦକ ଦୋଳଗୋବିନ୍ଦ ମହାରଥା, କୋଷାଧକ୍ଷ ପ୍ରଶାନ୍ତ ଦାସ ତଥା ଲକ୍ଷ୍ମୀପୂଜା କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରୂପ୍‌ସା,(ଡି.ଏନ.ଏ.)**–ବାଲେଶ୍ୱର ସଦର ବ୍ଲକ ହଳଦୀପଦା, ଫୁଲାଡ଼ି, ବାହାବଳପୁର, କଷାଫଳ, ଛାନୁଆ, ସାର୍ଥା ଆଦି ପଞ୍ଚାୟତ ସମେତ ରୂପ୍‌ସା ଥାନା ଅଞ୍ଚଳ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଲାଗି ଉତ୍ସବମୁଖର ହୋଇଉଠିଛି। କୁମାରୀମାନେ ଓଷା କରିବା ସହ ନୂତନ ବସ୍ତ୍ର ପରିଧାନ କରି ଚାନ୍ଦ ପୂଜା କରିଥିଲେ। ତୁଳସୀ ଚଉରା ମୂଳେ ଭୋଗ ଲଗାଇ, ଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦାପନା କରିଥିଲେ। ପୂଜାମଣ୍ଡପଗୁଡ଼ିକରେ ମା' ଲକ୍ଷ୍ମୀଙ୍କର ଆରାଧନା ଯଥାବିଧି ହୋଇଥିଲା। ଆକର୍ଷଣୀୟ ତୋରଣ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ସବୁ ଝଲସି ଉଠୁଛି। ହଳଦୀପଦା ବଜାର କମିଟି ସଭାପତି ପର୍ଶୁରାମ ପ୍ରଧାନ, ସମ୍ପାଦକ ହରିଶ୍ଚନ୍ଦ୍ର ରଣା ଓ କୋଷାଧକ୍ଷ ମହେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସାର୍ବଜନୀନ ଲକ୍ଷ୍ମୀପୂଜା ପାଳିତ ହୋଇଛି। ବ୍ୟବସାୟୀମାନେ ଏକ ଶୋଭାଯାତ୍ରାରେ ଦେବୀଙ୍କ ଘଟୋତ୍ତୋଳନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ।



ହଳଦୀପଦା ବଜାରରେ ପୂଜା ପାଉଥିବା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ସଜନାଗଡ଼,୧୫।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଗରଡ଼ିହି ହାଇସ୍କୁଲର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସ୍କୁଲ ଫାଟକରେ ତାଲା ପକାଇ ଟାୟାର ଜାଳି ଆନ୍ଦୋଳନ କରିଛନ୍ତି। ଗରଡ଼ିହି ହାଇସ୍କୁଲର ଗଣିତ ଶିକ୍ଷକ ବସନ୍ତ କୁମାର ବିଶ୍ୱାଳଙ୍କୁ କାଂଶ ହାଇସ୍କୁଲକୁ ବଦଳି ହୋଇଛି। ଏହି ବିଦ୍ୟାଳୟକୁ ଉଦଳାରୁ ଜଣେ ଗଣିତ ଶିକ୍ଷକ ସପ୍ତାହକୁ ୩ଦିନ କ୍ଲାସ କରିବାକୁ ଆସୁଥିଲେ। ଫଳରେ ପିଲାମାନଙ୍କ ପାଠପଢ଼ାରେ ଅସୁବିଧା ଉପୁଜିଥିଲା। ପୂର୍ବତନ ଗଣିତ ଶିକ୍ଷକ ବସନ୍ତ କୁମାର ବିଶ୍ୱାଳଙ୍କୁ ଫେରାଇ ଆଣିବା ଦାବିରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇବା ସହ ରାସ୍ତାରେ ଟାୟାର ଜାଳି ବସିଥିଲେ। ନୀଳଗିରି ବିଇଓ ଭାଗୀରଥି ଗିରି ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ଜଣେ ଗଣିତ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯିବାର ପ୍ରତିଶ୍ରୁତି ଦେଲା ପରେ ବିଦ୍ୟାଳୟ ସ୍ୱାଭାବିକ ଚାଲିଥିଲା।



ରାସ୍ତାରେ ଟାୟାର ଜାଳି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଦୁର୍ଘଟଣାରେ ଖବରଦାତା ଗୁରୁତର

**ସଜନାଗଡ଼,୧୫।୧୦(ଡି.ଏନ.ଏ.):** ନୀଳଗିରି ବ୍ଲକର ବରିଷ୍ଠ ତଥା ବୟୋଜ୍ୟେଷ୍ଠ ଖବରଦାତା ଅଜୟ ଦାସ (୯୧) ମଙ୍ଗଳବାର ଏକ ଦୁର୍ଘଟଣାରେ ଗୁରୁତର ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ସେ ବାର୍ଦ୍ଧକ୍ୟ ଭତ୍ତା ନେବା ପାଇଁ ପଞ୍ଚାୟତ ଅଫିସ୍‌କୁ ଚାଲି ଚାଲି ଆସୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ନାକ, ମୁହଁ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ନୀଳଗିରି ହସ୍‌ପିଟାଲକୁ ଆଣି ଚିକିତ୍ସା ଲାଗି ଭର୍ତ୍ତି କରାଇଛନ୍ତି।

## ମଧ୍ୟାହ୍ନଭୋଜନ ପ୍ରସ୍ତୁତ କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୧୫।୧୦**

ବାଲେଶ୍ୱରସେରଗଡ଼ସ୍ଥିତମଧ୍ୟାହ୍ନଭୋଜନ ପ୍ରସ୍ତୁତ କେନ୍ଦ୍ରକୁ ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଛନ୍ତି। ପୌରାଞ୍ଚଳର ୫୨ଟି ସ୍କୁଲରେ ପଢୁଥିବା ୮,୨୦୦ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ଉକ୍ତ କେନ୍ଦ୍ରରୁ ପ୍ରସ୍ତୁତ କରାଯାଇ ବିତରଣ କରାଯାଇଛି। ଆସନ୍ତା ୨୪ ତାରିଖରୁ ନୀଳଗିରି ଏନ୍‌ଏସିରେ ୨୪ଟି ବିଦ୍ୟାଳୟର ୧୯୬୯ ଛାତ୍ରୀଛାତ୍ରଙ୍କ ପାଇଁ ମଧ ପ୍ରସ୍ତୁତ କରାଯାଇ ସିଧାସଳଖ ଭାବେ ସ୍କୁଲରେ ବିତରଣ କରାଯିବ। ଏହାର ଦାୟିତ୍ୱ ବାଗଦଙ୍ଗା ପଶ୍ଚିମଘେରି ଦିସା ଲକ୍ଷ୍ମୀ କ୍ଲବ ତୁଲାଉଛନ୍ତି। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ପ୍ରଥମଥର ପାଇଁ ବାଲେଶ୍ୱର ମ୍ୟୁନିସିପାଲିଟି ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏହି ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଅନ୍ୟାନ୍ୟ ଏନ୍‌ଏସି ଓ ବ୍ଲକ ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକୁ ସାମିଲ୍ କରାଯିବ ବୋଲି ଜଣାପଡ଼ିଛି।



ମଧ୍ୟାହ୍ନଭୋଜନ ପ୍ରସ୍ତୁତ କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# 'ଇନ୍ଦ୍ରଧନୁ' ପାଳିଲା କୁମାର ଉତ୍ସବ

**ବାଲେଶ୍ୱର ଅଫିସ, ୧୫।୧୦**

ବାଲେଶ୍ୱରର ପୁରାତନ ସାଂସ୍କୃତିକ ଅନୁଷ୍ଠାନ 'ଇନ୍ଦ୍ରଧନୁ' ପକ୍ଷରୁ ୬୧ତମ କୁମାର ଉତ୍ସବ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା କୁମାର ପୂର୍ଣ୍ଣମୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ ସହିତ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ କରାଯାଇଥିବା ହାସ୍ୟରସାତ୍ମକ ନାଟକ 'ଭଲକଥା' ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା।

ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ହିମାଂଶୁ ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଅନୁଷ୍ଠାନ ମାଧ୍ୟମରେ ପରମ୍ପରା ବଞ୍ଚି ରହିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ନୀଲୁ ମହାପାତ୍ର, ସାମାଜିକ କର୍ମୀ ସୁବାସିନୀ ଜେନା ଯୋଗଦେଇ ପ୍ରାଚୀନ ପରମ୍ପରା ବିଲୁପ୍ତ ହେବାକୁ ବସିଥିବାବେଳେ ଇନ୍ଦ୍ରଧନୁ ସାଂସ୍କୃତିକ ଅନୁଷ୍ଠାନ ଏହାକୁ ୬୧ବର୍ଷ ଧରି ବଞ୍ଚାଇ ରଖିଥିବାରୁ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନୁଷ୍ଠାନ ସଭାପତି ଇଂ. ପ୍ରଶାନ୍ତ ଦତ୍ତଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବ୍ରହ୍ମ ରଥ ପ୍ରାକ୍ କଥା ରଖିଥିବା ବେଳେ ସଦସ୍ୟ ହରେନ୍ ରଣା ଶେଷ କଥା ରଖିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ କଳାମନ୍ଦିରର ଛାତ୍ରୀଛାତ୍ରମାନେ କୁମାର ପୂର୍ଣ୍ଣମୀ ଉପରେ ରଚିତ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଗୁରୁ ପୂର୍ଣ୍ଣିମା ବାରିକ ଓ ସୁବର୍ଣ୍ଣରେଖା ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'କୁମାର ପୁନେଇ ରଜନୀରେ ଆଜି ଗୋ' ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁ ଭାସ୍କର ଚନ୍ଦ୍ର ଖିଲାରଙ୍କ ନିର୍ଦ୍ଦେଶନାରେ କୁମାର ପୂର୍ଣ୍ଣମୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ଗୁରୁ ଭୁବନମୋହନ ପ୍ରଧାନ, ମନୋରଞ୍ଜନ ପଣ୍ଡା, ନନ୍ଦକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ଅଜୟ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ଭଲକଥା' ମଞ୍ଚସ୍ଥ ହୋଇଥିଲା। ରତିକାନ୍ତ ମଲ୍ଲିକ, ଶ୍ୟାମରାୟ କର, ଅଜୟ ଆଚାର୍ଯ୍ୟ, ବ୍ରହ୍ମ ରଥ, ଆଶିଷ କର, ସ୍ମୃତି ଦାସ ଏଥିରେ ଅଭିନୟ କରିଥିଲେ।



କୁମାର ଉତ୍ସବରେ ଉପସ୍ଥିତ ଅତିଥି।

- ଦର୍ଶକଙ୍କୁ ବାନ୍ଧି ରଖିଲା 'ଭଲକଥା'
- ଅନୁଷ୍ଠାନ ମାଧମରେ ବଞ୍ଚିଛି ପରମ୍ପରା

## ସଂକ୍ଷେପରେ

### ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

**ଚିତ୍ରଡ଼ା,୧୫ା୧୦(ଡି.ଏନ୍.ଏ.):** ମୋରଡ଼ା ତହସିଲ କାର୍ଯ୍ୟାଳୟରେ ସୋମବାର ଭୂମିହୀନମାନଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ମୋରଡ଼ା ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପଟ୍ଟା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ତହସିଲଦାର ସଂଗ୍ରାମ ସୋମର୍ଜିତ ସାହୁ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଦାନ୍ତିଆମୁହାଁ ପଞ୍ଚାୟତର ତପସ୍ୟା ଧଳଙ୍କ ସମେତ ୨ ଜଣ, ଗୋଡିଗାଁ ପଞ୍ଚାୟତର ସୁକାନ୍ତୀ ନାୟକ, କୋହି ପଞ୍ଚାୟତର ସରସ୍ୱତୀ ବିନ୍ଧାଣି, ମୋରଡାର ସାବିତ୍ରୀ ଦେହୁରୀଙ୍କ ସମେତ ୨ ଜଣ, ନୂଆଝାଲିଆ ପଞ୍ଚାୟତର ରଞ୍ଜୁଲତା ବେହେରାଙ୍କ ସମେତ ୭ ଜଣ , ଦୁର୍ଗାପୁରର କୁଶ ସୋରେନ ଏବଂ ସାନମୁଣ୍ଡାବନିର କାଜଲ ମୁଖୀଙ୍କ ସମେତ ୬ ଜଣଙ୍କୁ ମିଶାଇ ମୋଟ ୨୪ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

### ନୂଆସାହି କଲେଜ ଦର୍ଶନ ବିଭାଗର ସ୍ୱାଗତ ଉତ୍ସବ

**କପ୍ତିପଦା,୧୫ା୧୦(ଡି.ଏନ୍.ଏ.):** ନୂଆସାହିସ୍ଥିତ କପ୍ତିପଦା କଲେଜ ଦର୍ଶନ ବିଭାଗର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। +୨ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର କୁମାର ପଟ୍ଟନାୟକ ଏଥିରେ ଅଧକ୍ଷତା କରି ନବାଗତ ଛାତ୍ରୀଛାତ୍ରମାନଙ୍କୁ ଗରିମା ବୃଦ୍ଧି ପାଇଁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ +୩ ମହାବିଦ୍ୟାଳୟର ଅଧକ୍ଷା ଡ.ଲିପିକା ବେହେରା, ଇତିହାସ ବିଭାଗ ଅଧାପକ ବିଭୁରଞ୍ଜନ ବିଶ୍ୱାଳ, ପଦାର୍ଥ ବିଜ୍ଞାନର ଅଧାପିକା ସ୍ମିତାଶ୍ରୀ ସିଂ, ଅଧାପକ ଲମ୍ବୋଦର ବାରିକ୍, ଶାନ୍ତସୁନ୍ଦର ଆଚାର୍ଯ୍ୟ, ନମିତା ବେହେରା ପ୍ରମୁଖ ଯୋଗଦେଇ କଠୋର ପରିଶ୍ରମ କଲେ ଜୀବନରେ ସଫଳତା ମିଳେ ବୋଲି ପ୍ରକାଶ କରିଥିଲେ। ଦର୍ଶନ ବିଭାଗର ମୁଖ୍ୟ ଅଧାପିକା ମଞ୍ଜନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁସ୍ତକ ଉନ୍ମୋଚିତ

**ବାରିପଦା ଅଫିସ,୧୫ା୧୦:** ମୟୂରଭଞ୍ଜ ଜିଲା ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଆଦିତ୍ୟ କୁମାର ପ୍ରହରାଜଙ୍କ ଲିଖିତ ଅଥର୍ବବେଦ ପୈପ୍ପଲାଦ ସଂହିତା ବିଂଶତି-କାଣ୍ଡର ଦୁର୍ଲଭ ଓଡ଼ିଆ ଲିପି ଗ୍ରନ୍ଥ ପୁରୀସ୍ଥିତ ଗୋବର୍ଦ୍ଧନ ମଠାଧୀଶ ସ୍ୱାମୀପାଦ ଶ୍ରୀଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସ୍ୱରସ୍ୱତୀଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗୀୟ ମୁଖ୍ୟ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଦିବାକର ମହାପାତ୍ର, ବିଶିଷ୍ଟ ପଣ୍ଡିତ ଗଣ ଓ ସନ୍ନ୍ୟାସୀମାନେ ଯୋଗଦେଇ ପୁସ୍ତକଟିର ପ୍ରସାରଣ ତଥା ସଫଳତା କାମନା କରିବା ସହିତ ବେଦ ବିଦ୍ୟା ବିଷୟରେ ଆଲୋଚନା କରିଥିଲେ। ବେଦ ପ୍ରଫେସର ଡକ୍ଟର ଦିବାକର ମହାପାତ୍ରଙ୍କ ଦ୍ୱାରା ପୁସ୍ତକଟିର ସମୀକ୍ଷା ହୋଇଥିଲା। ଏହି ପୁସ୍ତକଟିର ଲେଖକ ସଂଗ୍ରାହକ ତଥା ପ୍ରକାଶକ ପଣ୍ଡିତ ପ୍ରହରାଜ ପ୍ରାରମ୍ଭରେ ପୁସ୍ତକର ଆବଶ୍ୟକତା ସମ୍ବନ୍ଧରେ ସୂଚନା ଦେଇଥିଲେ।

### ବିଶ୍ୱ ବିଦ୍ୟାର୍ଥୀ ଦିବସ

**ବାରିପଦା ଅଫିସ,୧୫ା୧୦:** ବାରିପଦା ସହରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞାପାରମିତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନଙ୍କୁ ଡ.ଏପିଜେ ଅବଦୁଲ କଲାମଙ୍କ ଜୀବନୀ ସମ୍ପର୍କରେ ଅବଗତ କରାଯାଇଥିଲା। ବିଦ୍ୟାଳୟର ସାଇନ୍ସକ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର, ଶିକ୍ଷକ ଡ.ଶଶୀଧର ବିଶ୍ୱାଳ ଓ ଅମୂଲ୍ୟ କୁମ୍ଭକାର ପ୍ରମୁଖ କଲାମଙ୍କ ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। ଚଳିତ ବର୍ଷ ପାଇଁ ଛାତ୍ର ନିର୍ମାଲ୍ୟ ଭୋଇଙ୍କୁ ଆଦର୍ଶ ଛାତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅତୁଲ କୁମାର ପରିଡ଼ା, ରାଜୀବ ଲୋଚନ ଜେନା, ଜଗନ୍ନାଥ ସୁତାର, ଗୋବିନ୍ଦ ଚନ୍ଦ୍ର ରାଉତ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେଖ ଲାଇକୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

■ ବାରିପଦା ମେଡିକାଲ କଲେଜ

# ୫-ଟି ସଚିବଙ୍କ ଗସ୍ତ ପରେ ଅବ୍ୟବସ୍ଥା ସୁଧୁରୁନି

## ସିଡିଏମଓ, ଡିପିଏମଙ୍କୁ ଘେରିଲା ଭଞ୍ଜସେନା

**ବାରିପଦା ଅଫିସ,୧୫ା୧୦**



ଭଞ୍ଜସେନା ପ୍ରତିନିଧି ଦଳ ସିଡିଏମଓଙ୍କ କାର୍ଯ୍ୟାଳୟରେ ଆଲୋଚନା କରୁଛି।

ଆଦିବାସୀ ଅଧ୍ୟୁଷିତ ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲାର ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାରେ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ। ନିକଟରେ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ବାରିପଦାସ୍ଥିତ ଏହି ପଣ୍ଡିତ ରଘୁନାଥ ମେଡିକାଲ କଲେଜକୁ ପରିଦର୍ଶନରେ ଆସିଥିଲେ। ୨୦ ମିନିଟ ରହଣି ମଧ୍ୟରେ ରୋଗୀଙ୍କ ସହିତ ଆଲୋଚନା ଓ ବୈଠକ କରି ଫେରିଯାଇଥିଲେ। ତେବେ ଏତେ କମ୍ ସମୟ ମଧ୍ୟରେ ମେଡିକାଲ କଲେଜର ସୁବିଧା ଅସୁବିଧା ସମ୍ପର୍କରେ ସଚିବ କ'ଣ ବୁଝିଥିବେ ତାହା ଆଲୋଚନାର ବିଷୟ ହୋଇଛି। ସେହିପରି ମେଡିକାଲ କଲେଜ ଅବ୍ୟବସ୍ଥା ଭିତରେ ଗତି କରୁଥିବା ବେଳେ ଦିନକ ପାଇଁ ଲୋକ ଦେଖାଣିଆ ଭାବେ ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ତ୍ରୁଟି ବିଚ୍ୟୁତିକୁ ସଜାଡି ଥିଲେ। ଏହାପରେ ମେଡିକାଲ କଲେଜ ଯେଉଁ ଅବସ୍ଥାକୁ ସେହି ଅବସ୍ଥାକୁ ଫେରିଆସିଛି। ଏଭଳି ଅଭିଯୋଗ କରିଛି ଜିଲାର ଅଣରାଜନୈତିକ ଅନୁଷ୍ଠାନ ଭଞ୍ଜ ସେନା। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ସିଡିଏମଓ ଡା.ପ୍ରଦୀପ ମହାପାତ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଅନିଲ କୁମାର ମହାନ୍ତିଙ୍କୁ ମଙ୍ଗଳବାର ସିଡିଏମଓଙ୍କ କାର୍ଯ୍ୟାଳୟରେ ଘେରାଉ କରାଯାଇଥିଲା। ମେଡିକାଲ ପରିସରରେ ଦେଖା ଦେଉଥିବା ସମସ୍ତ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ସେନା ଦାବି କରିଛି।

ଏହି ମେଡିକାଲ କଲେଜରେ ସବୁବେଳେ ସଫେଇ କର୍ମଚାରୀମାନେ ଆନ୍ଦୋଳନ କରିଆସୁଥିବାବେଳେ ବିଭିନ୍ନ ସମୟରେ ସଫେଇ କାର୍ଯ୍ୟ ବନ୍ଦ ରହିଥାଏ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ରହିବାକୁ ବାଧ ହୋଇଥାନ୍ତି। ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସଂସ୍ଥାକୁ କର୍ତ୍ତୃପକ୍ଷ ସହଯୋଗ କରିଆସୁଥିବା ସେନା ଅଭିଯୋଗ କରିଛି। ୫ -ଟି ସଚିବ ଆସିବା ଦିନ ମେଡିକାଲ ପରିସରକୁ ସଫେଇ କର୍ମଚାରୀମାନଙ୍କ ସହ ଅନ୍ୟ କର୍ମଚାରୀମାନେ ମିଶି ସଫା କରିଥିଲେ। ଏଭଳି ମନୋଭାବ ପ୍ରତିଦିନ ରହିବା ଆବଶ୍ୟକ ବୋଲି ସେନା ଦାବି କରିଛି। ସେହିପରି ରୋଗୀଙ୍କୁ ଖାଦ୍ୟ ପ୍ରଦାନ ଦାୟିତ୍ୱରେ ଥିବା ସଂସ୍ଥା ପ୍ରତିଦିନ ଠିକ ଭାବେ ଖାଦ୍ୟ ପ୍ରଦାନ କରୁନାହିଁ। ତାଲିକା ହିସାବରେ ଖାଦ୍ୟ ପ୍ରଦାନ କରୁ ନ ଥିବା ବେଳେ ନିମ୍ନମାନର ଖାଦ୍ୟ ପ୍ରଦାନ କରୁଛି। ଅନ୍ୟପକ୍ଷେ ଖାଦ୍ୟ ତାଲିକା ସମ୍ପର୍କରେ ମଧ ସଂସ୍ଥା କୌଣସି ସୂଚନା ଦେଉନାହିଁ। ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉ ନାହାନ୍ତି। ସେହିପରି ସହରରେ ବିଭିନ୍ନ ସମୟରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବା ବେଳେ ମେଡିକାଲ କଲେଜରେ ମଧ ଏହି ସମସ୍ୟା ଲାଗି ରହିଛି। ମେଡିକାଲ କଲେଜରେ ବିଦ୍ୟୁତ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ଜେନେରେଟର ଥିବା ସତ୍ତ୍ୱେ ଆବଶ୍ୟକ ପାଣ୍ଠି ନ ଥିବାରୁ ଏହାର ପରିଚାଳନା ହୋଇପାରୁନାହିଁ। ଫଳରେ ବିଦ୍ୟୁତ୍ କଟିଲେ ରୋଗୀମାନେ ହଇରାଣ ହୋଇ ବେଡ୍‌ରେ ପଡି ରହୁଛନ୍ତି। ଏପରିକି ବିଦ୍ୟୁତ୍ କାଟ୍ ବେଳେ ରୋଗୀ ସେବା କିମ୍ବା ଅପରେସନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇ ରହୁଛି। ଏନେଇ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉନାହାନ୍ତି। ଏହା ସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନାମରେ ଜିଲାକୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ଏହାକୁ ବାଟ ମାରଣା କରାଯାଉଥିବା ମଧ ସେନା ଅଭିଯୋଗ କରିଛି। ଆସନ୍ତା ୧୫ ଦିନ ମଧ୍ୟରେ ମେଡିକାଲ କଲେଜ ସମସ୍ୟାର ସ୍ଥାୟୀ ସମାଧାନ ସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟ କରୁଥିବା ଦୁର୍ନୀତିଖୋର ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେନା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଭଞ୍ଜସେନା ଉପସଭାପତି ସନାତନ ସାହୁ, ଜିତୁ ଶିବାନନ୍ଦ, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସାମନ୍ତ ଶେଖର ପାଲ, ମାନସ କୁମାର ବେହେରା, ଦୀପକ ସ, ସୌମ୍ୟରଞ୍ଜନ ମିଶ୍ର, ସେଖ ରାଜା ଖାନ, ଧନଞ୍ଜୟ ସାହୁ, ଦୀପକ ସିଂ, ନାଜିର ଉଲ ହକ, ସୋନୁ ରାମ ପ୍ରମୁଖ ସାମିଲ ଥିଲେ।

### ମିଳିତ ଜନ ଅଭିଯୋଗ ଶୁଣାଣି

**ରାଇରଙ୍ଗପୁର,୧୫ା୧୦(ଡି.ଏନ୍.ଏ.)**

ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହରେ ସୋମବାର ମୟୂରଭଞ୍ଜ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏସ୍‌ପି ପାରମାର ସ୍ମିଥପୁରୁଷୋତ୍ତମ ଦାସଙ୍କ ସମେତ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରି ଏବଂ ଏସ୍‌ଡିଏମ୍‌ଓ ଡ. ଛତିଶ ଚନ୍ଦ୍ର ମହାନ୍ତ ଏବଂ ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ରାଇରଙ୍ଗପୁରବାସୀଙ୍କ ପକ୍ଷରୁ ସର୍ବମୋଟ ୭୪ଟି ଅଭିଯୋଗକୁ ଜିଲାପାଳ ଭରଦ୍ୱାଜ ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଉପରେ ୫୯ଟି ଏବଂ ଗ୍ରାମୀଣ ସମସ୍ୟା ଉପରେ ୧୪ଟି ଅଭିଯୋଗ ଥିବା ଜଣାଯାଇଛି। ବାଦାମପାହାଡ଼ ଥାନା ଅନ୍ତର୍ଗତ ପୁରୁଣିଆ ଗ୍ରାମର ମହିଳା ସାବିତ୍ରୀ ଗିରିଙ୍କୁ ତାଙ୍କର ଚିକିତ୍ସା ସକାଶେ ସିଏମ୍‌ଆର୍‌ଏଫ୍ ଫଣ୍ଡରୁ ୧ ହଜାର ଟଙ୍କା ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇସିଡିଏସ୍ ସଂସ୍ଥା ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ, ସ୍ୱାସ୍ଥ୍ୟ, ପୂର୍ତ୍ତ ବିଭାଗ, ନେସ୍କୋ, ଜଳସେଚନ, ପୌର ପରିଷଦ ସମେତ ବିଭିନ୍ନ କାର୍ଯ୍ୟାଳୟର ପଦାଧିକାରୀ, ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଯୋଗଦେଇଥିଲେ।

■ଆର୍ଥିକ ସଙ୍କଟ ଓ ଘରୋଇକରଣ ବିରୋଧରେ ବାମପନ୍ଥୀଙ୍କ ମିଳିତ ପ୍ରତିବାଦ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା




ସିପିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ବାରିପଦା ଅଫିସ,୧୫ା୧୦**

ବାମପନ୍ଥୀ ଦଳ ସିପିଆଇ ଓ ସିପିଆଇ(ଏମ) ପକ୍ଷରୁ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରଙ୍କ ଭୁଲ ଓ ବିପଜ୍ଜନକ ନୀତି ଯୋଗୁ ଦେଶରେ ଚରମ ଅର୍ଥନୈତିକ ସଙ୍କଟ, ମାନ୍ଦାବସ୍ଥା ତଥା ଦରଦାମ ଓ ବେକାରି ସମସ୍ୟା ବୃଦ୍ଧି ପାଇଥିବା ଅଭିଯୋଗ କରାଯାଇଛି। ଏହାକୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଧାରଣା ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇର ତ୍ରିନାଥ ପାତ୍ର ଓ ସିପିଆଇ(ଏମ)ର ନନୀଗୋପାଳ ବ୍ରହ୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହ-ସମ୍ପାଦକ ଡ.ପ୍ରଶାନ୍ତ ମିଶ୍ର, ସିପିଆଇ ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଆଇ(ଏମ)ର ଜିଲା ସମ୍ପାଦକ ରବି ଗୋସ୍ୱାମୀ, ପୂର୍ବତନ ସମ୍ପାଦକ ହୀରାମୋହନ ଦାଶ, ହୃଷୀକେଶ ସାହୁ, ବଳରାମ ମହାନ୍ତ, ସିଆଇଟିୟୁର ସମ୍ପାଦକ ଅମଳ ଦେ, କ୍ଷେତ ମୂଲିଆର ସଭାପତି ହରିଶ ଚନ୍ଦ୍ର ସିଂ, କୃଷକ ସଭା ସମ୍ପାଦକ ମାଧବ ସିଂ, କ୍ଷିତିଶ ସାମଲ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୈତନ୍ୟ ପୂର୍ତ୍ତି, ରଥ ସିଂ, ଶ୍ୟାମଲେନ୍ଦୁ ସିଂ, କରୁଣାକର ମୁର୍ମୁ, ଗୋପବନ୍ଧୁ ସିଂ, ଫାଡୁ ମୁର୍ମୁ, ନଳିନୀ କୁମାର ଦାସ, ଚିତ୍ତରଞ୍ଜନ ବାରିକ, ଶ୍ରୀକାନ୍ତ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ଉଦଳା,୧୫ା୧୦(ଡି.ଏନ୍.ଏ.)**

ଉଦଳା ଅଞ୍ଚଳର 'ଆମେ ଭଞ୍ଜ କଳାକାର' କ୍ଲବ ପକ୍ଷରୁ ମଙ୍ଗଳବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ରଙ୍ଗାମାଟିଆ ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ଓ ବିଧାୟକ ଭାସ୍କର ମଡେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ କ୍ଲବର ସଭାପତି କ୍ଷୀରୋଦ ରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉପଖଣ୍ଡ ମେଡିକାଲ୍ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଡାକ୍ତର ଭାଗବତ ବେହେରା, କ୍ଲବର ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଚକ୍ଷୁ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ୬୦ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ଶିବିରରେ ୩ଶହରୁ ଊର୍ଦ୍ଧ୍ୱ ଚକ୍ଷୁରୋଗୀଙ୍କ ପରୀକ୍ଷା କରାଯାଇଥିଲା ।

## 'ମହିଳାମାନେ ଆଗକୁ ଆସିଲେ ପାରିବାରିକ ସ୍ଥିତି ସୁଦୃଢ଼ ହେବ'



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ବାରିପଦା ଅଫିସ, ୧୫ା୧୦**

ମହିଳାମାନେ ଆଗକୁ ଆସି ପୁରୁଷ ମାନଙ୍କ ହାତକୁ ମଜବୁତ କରି ପାରିଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ପାରିବ। ମହିଳାମାନେ ବର୍ଷର ବିଭିନ୍ନ ସମୟରେ ଛତୁ ଚାଷ, କୁକୁଡା ଓ ଛେଳି ପାଳନ, ଫଳ ତଥା ପନିପରିବାର ପ୍ରକ୍ରିୟାକରଣ କରି ସ୍ୱାବଲମ୍ବୀ ହୋଇପାରିବେ। ମୟୂରଭଞ୍ଜ ଜିଲା ବଡସାହି ବ୍ଲକ କୋଚିଲାଖୁଣ୍ଟା ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର-୧ ତରଫରୁ ମହିଳା କିଶାନ ଦିବସ ପାଳନ ଅବସରରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ଝୁନିଲତା ଭୂୟାଁ, କେନ୍ଦ୍ରର ବିଷୟବସ୍ତୁ ବିଶେଷଜ୍ଞ ଦେବାଶିଷ ଜୟପୁରିଆ, କୋଚିଲାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସ୍ୱାଇଁ, ସାନକେରକୋ ସହକାରୀ କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଚାଷୀ ଓ ଗ୍ରାମସେବିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ।

# ଡାକ୍ତରଖାନାର ରୂପ ବଦଳୁଛି, ବଦଳୁନି ବ୍ୟବସ୍ଥା

**ବଡ଼ସାହି,୧୫ା୧୦(ସ୍ୱ.ପ୍ର)**




ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

■ ଡାକ୍ତର ସମସ୍ୟା ନେଇ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ

■ ଗୁରୁତର ରୋଗୀ ଅନ୍ୟତ୍ର ଚିକିତ୍ସା ପାଇଁ ଯାଉଛନ୍ତି

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହେଉଛି । ଠିକ ଭାବେ ଏହାର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ବ୍ୟବସ୍ଥା କଡ଼ାକଡ଼ି ଲାଗୁ କରାଯାଉଛି। ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କୁ ଦଣ୍ଡିତ ହେବାକୁ ପଡୁଛି । ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟାଳୟର ରୂପ ବଦଳୁଛି। ମାତ୍ର କର୍ମଚାରୀ ଅଭାବ ସହିତ ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବା ଦିଗରେ ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି । ଏଭଳି ପରିସ୍ଥିତିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା ବିଭିନ୍ନ ଯୋଜନା ଦ୍ୱାରା ଦିଆଯାଉଥିବା ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ସମୀକ୍ଷା କରିବା ପାଇଁ କେନ୍ଦ୍ରୀୟ ପ୍ରତିନିଧି ଦଳ ମଧ ପରିଦର୍ଶନରେ ଆସୁଛନ୍ତି । ସେଥିପାଇଁ ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ଚିକିତ୍ସାଳୟଗୁଡ଼ିକର ରୂପ ବଦଳିବାରେ ଲାଗିଛି।

୧୯୬୧ରେ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତରଙ୍କୁ ମିଶାଇ ୫ଜଣ ଡାକ୍ତର ରହିବାକୁ ଥିବାବେଳେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, ଭେଷଜ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ୩ଜଣ ଏମବିବିଏସ୍ ଡାକ୍ତରଙ୍କୁ ନେଇ ଏଠାରେ ଚାଲିଛି ସ୍ୱାସ୍ଥ୍ୟ ସେବା। ବିଶେଷଜ୍ଞ ଡାକ୍ତର ନ ଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏପରି କି ମହିଳା ଓ ପ୍ରସୂତି ବିଶେଷଜ୍ଞ ନ ଥିବାରୁ ରୋଗୀମାନେ ନର୍ସିଂ ହୋମ କିମ୍ବା ଘରୋଇ କ୍ଲିନିକ ଉପରେ ଭରସା କରୁଛନ୍ତି। ଅନେକ ଗର୍ଭବତୀ ଏହି ଡାକ୍ତରଖାନାକୁ ନ ଆସି ବାରିପଦା, ବାଲେଶ୍ୱର କିମ୍ବା କଟକ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡିକର ସୁଫଳ ମିଳିପାରୁ ନାହିଁ ବୋଲି ସମାଜସେବୀ ଶଶାଙ୍କ ଶେଖର କର ପ୍ରକାଶ କରିଛନ୍ତି। ସାମାନ୍ୟ ଜ୍ୱର, କାଶ, ଥଣ୍ଡାରେ ପୀଡିତ ରୋଗୀମାନେ ଏହି ଡାକ୍ତରଖାନାକୁ ଆସୁଥିବା ବେଳେ ଗୁରୁତର ରୋଗୀମାନେ ୩୦କି.ମି ଦୂର ବାରିପଦା କିମ୍ବା ୪୦କିମି ଦୂର ବାଲେଶ୍ୱର ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଦେଉଳିଆ, ଶାକୁଆ, କମଳାଶୋଳ, ସାନକେରକ ଓ ମାଣତ୍ରୀଠାରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । କମଳାଶୋଳ ଓ ସାନକେରକ କେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା । ରିପୋର୍ଟରୁ ଜଣାଯାଏ, ବଡ଼ସାହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୯-୨୦ବର୍ଷରେ ୩୩ ହଜାର ୨୧୩ ରୋଗୀ ବହିର୍ବିଭାଗକୁ ଆସିଥିବା ବେଳେ ୧ହଜାର ୮୪୯ ଅନ୍ତର୍ବିଭାଗ, ୧୮-୧୯ ବର୍ଷରେ ୪୮ହଜାର ୬୨୯ ରୋଗୀ ବହିର୍ବିଭାଗ ଓ ୪ ହଜାର ୫୭୦ଜଣ ରୋଗୀ ଅନ୍ତର୍ବିଭାଗରେ ଚିକିତ୍ସିତ ହୋଇଛନ୍ତି। ସେହିପରି ୨୦୧୬-୧୭ବର୍ଷରେ ୨୮ହଜାର ୨୩୭ ଓ ୨୦୧୫-୧୬ରେ ୩୧ହଜାର ୧୦୮ ଜଣ ରୋଗୀ ବହିର୍ବିଭାଗରେ ଚିକିତ୍ସିତ ହୋଇଛନ୍ତି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଡାକ୍ତର ସମସ୍ୟା ପାଇଁ ବହୁ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ତେବେ ୨୦୧୮-୧୯ରେ ପ୍ରସୂତିଙ୍କ ସଂଖ୍ୟା ୬୦୫ଥିବା ବେଳେ ଅଭିଜ୍ଞ ଡାକ୍ତର ନ ଥିବାରୁ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ମାତ୍ର ୧୧୬ ଜଣ ପ୍ରସୂତି ରୋଗୀ ଆସିଛନ୍ତି । ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡିଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିପ୍ରତି ଅଣଦେଖା କରାଯାଉଛି ବୋଲି ଅଞ୍ଚଳବାସୀ ପ୍ରକାଶ ଅଭିଯୋଗ କରିଛନ୍ତି । ଏପରିକି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପାନୀୟଜଳର ବ୍ୟବସ୍ଥା ନ ଥିବାବେଳେ ପଞ୍ଚାୟତ ପକ୍ଷରୁ ପାଣିର ବ୍ୟବସ୍ଥା କରାଯାଇଛି । ସେହିପରି ଡାକ୍ତରଖାନା ପରିସରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବଜାରର ପାଣି ପଶି ପରିବେଶକୁ ନଷ୍ଟ କରୁଛି । ଏପରି ସ୍ଥିତିରେ ଭିତ୍ତିଭୂମିର ବିକାଶ ସହିତ ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀଗୁଡିକ ପୂରଣ କରା ନ ଗଲେ ଫମ୍ପା ମାଠିଆ ସଦୃଶ ଯୋଜନାଗୁଡିକ ଧୂଆଁବାଣ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୀବ ବଇତାଇଙ୍କୁ ପଚାରିବାରୁ ଖାଲି ପଡିଥିବା ପଦବୀ ପୂରଣ କରିବା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି କହିଛନ୍ତି।ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

### ସଫେଇ କାର୍ଯ୍ୟକ୍ରମ

**ବଡ଼ସାହି,୧୫ା୧୦(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତ ଓ ଲ୍ୟାମ୍ପ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ବୃକ୍ଷରୋପଣ କରାଯାଇଛି। ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅମିତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଏବ ସରପଞ୍ଚ ବଳରାମ ମହାଳିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ଆଖପାଖ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ପଞ୍ଚାୟତରେ ଥିବା ବିଭିନ୍ନ ଯୁବକ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଗଜଲକ୍ଷ୍ମୀ ପୂଜା

**କୋଷ୍ଟା,୧୫ା୧୦(ଡି.ଏନ୍.ଏ.)**

ଶୁଳିଆପଦା ବ୍ଲକ ମହାବିଲା ପଞ୍ଚାୟତର ଭୂଷକୁଣ୍ଡା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ୨ୟ ଦିବସରେ ପରମ୍ପରା ଅନୁଯାୟୀ ହୋମ ଯଜ୍ଞ କରାଯାଇ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । ମୋରଡା ବିଧାୟକ ରାଜ କିଶୋର ଦାଶ ପୂଜାମଣ୍ଡପ ବୁଲି ଦେଖିଥିଲେ। ସେବକଶ୍ରୀ ବଲ୍ଲଭ ଚରଣ ସାହୁ, ୫୩ ନଂ. ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ଶୁଳିଆପଦା ବ୍ଲକ ଅଧକ୍ଷ ଠୁମ୍ପୁ ହେମ୍ବ୍ରମ୍ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକମାନଙ୍କୁ ନୂତନ ବସ୍ତ୍ର ଯୋଗାଇ ଦିଆଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଅକ୍ଟୋବର ୧୬/୨୦୧୯ Balasore, Wednesday, October 16/2019

# ଜେସିବି ଲଗାଇ ବାଲି ଲୁଟୁଛନ୍ତି ଚୋର

**ଭଣ୍ଡାରିପୋଖରୀ, ୧୫।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀ ଗର୍ଭରୁ ବାଲି ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମଣିନାଥପୁର, ମୁଢାପଦା, ବାଲିପୋଖରୀ ଆଦି ଏସ୍କେପ୍ ଥିବା ଶୃଙ୍ଖଳା ପଡିଥିବାରୁ ସେଠାରୁ ଏବେ ବାଲି ଖୋଳି ନିଆଯାଉଛି। ବିଭିନ୍ନ ନିର୍ମାଣ କାର୍ଯ୍ୟ ଲାଗି ବାଲିର ଚାହିଦା ବଢିଥିବାରୁ ବେପାରୀମାନେ ଜେସିବି ସାହାଯ୍ୟରେ ରାତି ସମୟରେ ନଦୀ ଗର୍ଭରୁ ବାଲି ଉଠାଇ ପରେ ଅନ୍ୟତ୍ର ଚାଲାଣ କରି ମୁନାଫା ଉଠାଉଛନ୍ତି। ପ୍ରଶାସନ କାଁ ଭାଁ ଚଢାଉ କରି ଧରପଗଡ଼ କରୁଥିଲେ ମଧ୍ୟ ବାଲି ଚୋରା ଚାଲାଣକୁ ରୋକାଯାଇ ପାରୁ ନାହିଁ । ରାସ୍ତାରେ ଧରପଗଡ଼କୁ ଏଡାଇବା ଲାଗି ବାଲି ଚୋରମାନେ ଏବେ ରାସ୍ତାରେ ଲୋକ ଜଗାଇ ଟ୍ରକ ଓ ଟ୍ରାକ୍ଟର ଯୋଗେ ଚାଲାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ବୈତରଣୀ ନଦୀ ଶଯ୍ୟାରୁ କ୍ରମାଗତ ବାଲି ଚୋରି ହେବା ଯୋଗୁ କୂଳକ୍ଷୟ ଘଟି ନଦୀବନ୍ଧ ଦୁର୍ବଳ ହୋଇପଡୁଛି। ଏହା ବନ୍ୟା ବେଳେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରୁଛି। ଏହି କାରଣରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଅସଲ ବାଲିଚୋରଙ୍କୁ ଧରିବା ଲାଗି ତହସିଲ କର୍ତ୍ତୃପକ୍ଷ କିମ୍ବା ପୋଲିସ ନଜର ଦେଉ ନ ଥିବା ସେମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ବାଲିଚୋରଙ୍କୁ ସାମ୍ନା କରିବାକୁ ଭୟ କରି ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାରେ ପଛଘୁଞ୍ଚା ଦେଇଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ହେବ ସନ୍ଧ୍ୟା ହେଲେ ମଣିନାଥପୁର ସ୍ଥିତ ବୈତରଣୀ ଘାଟରୁ ବାଲିଚୋରମାନେ ଦୁଇଟି ଜେସିବି ମେଶିନ ଲଗାଇ ବାଲି ତାଡି ଟ୍ରାକ୍ଟରରେ ନଦୀଶଯ୍ୟା ଉପରକୁ ଆଣି ଢାଳୁଥିଲେ। ଦିନବେଳା ଏହାକୁ ସେମାନେ ଟ୍ରକ, ଟ୍ରାକ୍ଟର ଓ ହାଇୱା ଯୋଗେ ଅନ୍ୟତ୍ର ଚାଲାଣ କରୁଥିଲେ। ଭଣ୍ଡାରିପୋଖରୀ ତହସିଲ ଠାରୁ ଯାଜପୁର ପର୍ଯ୍ୟନ୍ତ ରାସ୍ତାରେ ସେମାନେ ଲୋକ ଜଗାଉଥିଲେ। ଏଭଳି ସୂଚନାକୁ ଆଧାର କରି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଗତ ସୋମବାର ମଣିନାଥପୁର ବାଲି ଖାଦାନରେ ଚଢାଉ କରି ଏକ ୪୦୭ ମିନିଟ୍ରକ ଜବତ କରଛନ୍ତି। ପରେ ଟ୍ରକ ଠାରୁ ୩୦ ହଜାର ୧୦୫ ଟଙ୍କା ଜରିମାନା ଆଦାୟ କରି ଛାଡିଦିଆଯାଇଥିବା ଜଣାପଡିଛି। ସେହିପରି ମଙ୍ଗଳବାର ଭୋର ସମୟରେ ତହସିଲଦାର ଭୂୟାଁ, ଏଆରଆଇ ଦିବ୍ୟରଞ୍ଜନ ଧଳ, କମଳାକାନ୍ତ ନାୟକ, ରାମନାରାୟଣ ସାମଲ ପ୍ରମୁଖ ସଦଳବଳ ଚଢାଉ କରି ମଣିନାଥପୁର ବାଲିଘାଟରୁ ଆଉ ୬ ଟି ଗାଡି ଜବତ କରିଛନ୍ତି। ସେଥିମଧ୍ୟରେ ଗୋଟିଏ ୪୦୭ ମିନିଟ୍ରକ ଓ ୫ ଟି ଟ୍ରାକ୍ଟର ରହିଛି। ତହସିଲ କର୍ତ୍ତୃପକ୍ଷ ନାମକୁମାତ୍ର ଜରିମାନା ଆଦାୟ କରି ଜବତ ଗାଡିକୁ ଛାଡି ଦେଉଥିବାରୁ ବାଲି ଚୋରାଚାଲାଣକୁ ରୋକାଯାଇ ପାରୁ ନ ଥିବା ଅଞ୍ଚଳବାସୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଭୂୟାଁଙ୍କୁ ପଚାରିବାରୁ ପ୍ରଶାସନ ବାଲି ଚୋରା ଚାଲାଣ ଘଟଣା ନେଇ ସଚେତନ ରହିଛି। ଆଇନ ଅନୁଯାୟୀ ଜବତ ଟ୍ରକରୁ ଜରିମାନା ଆଦାୟ କରି ଛଡାଯାଉଛି। ଏହାର ସ୍ଥାୟୀ ପ୍ରତିକାର ଲାଗି ଚିନ୍ତା କରାଯିବ ବୋଲି କହିଛନ୍ତି।

## ■ଧରପଗଡ଼ ସତ୍ତ୍ୱେ ପଡୁନି ପ୍ରଭାବ



ମଣିନାଥପୁର ବୈତରଣୀ ଘାଟରେ ଚଢାଉ।

## ସଂକ୍ଷେପରେ

### ବସ୍ ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ

**ଠାକୁରମୁଣ୍ଡା, ୧୫।୧୦(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ- ଖୁଁଟିଂ ରାସ୍ତାର କାଶିଆ ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ବସ୍ ଧକ୍କାରେ ୨ ବାଇକ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ଯାଜପୁର ଜିଲା ବ୍ରାହ୍ମଣୀପାଳ ଥାନା ଅନ୍ତର୍ଗତ ଖସାପୋଡ଼ା ଗ୍ରାମର ଶ୍ୟାମ ତିରିଆ ଓ ବ୍ରଜମୋହନ ସିଂ ବୋଲି ପୋଲିସ କହିଛି। ମଧ୍ୟାହ୍ନ ୧୨ଟା ସମୟରେ ଖୁଁଟିଂରୁ କରଞ୍ଜିଆ ଆସୁଥିବା ବସ୍‌ଟି ଏକ ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ବ୍ରଜମୋହନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରରୁଆଁ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବଜାରରେ ମହିଳାଙ୍କୁ ଗୋଡାଇ ପିଟିଲେ ସ୍ୱାମୀ

**ଭଦ୍ରକ ଅଫିସ, ୧୫।୧୦:** ବିଟ୍ ବଜାର ରାସ୍ତା ଉପରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଡାଇ ପିଟିବା ଘଟଣା ନେଇ ଭଦ୍ରକ ଟାଉନ ଥାନାରେ ଏତଲା ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୩୦୫/୧୯)ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ ବରାଙ୍ଗ ଗାଁର ଏହି ମହିଳା ଭଦ୍ରକ ବାଇପାସ୍ କାନ୍ତକବି ନଗର ଶିବାନୀ ଶଙ୍କର ମିଶ୍ରଙ୍କୁ ଗତ ଜାନୁୟାରୀ ୨୭ ତାରିଖରେ ବିବାହ କରିଥିଲେ। କୌଣସି ବିବାଦ କାରଣରୁ ନବବିବାହିତା ଦୀର୍ଘ ଅଢେଇ ମାସ ଧରି ସ୍ୱାମୀଙ୍କ ଠାରୁ ଅଲଗା ରହୁଥିଲେ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଓଟି ମାର୍କେଟ୍ ନିକଟସ୍ଥ ଏକ ସୁନା ଦୋକାନ ଆଗରେ ତାଙ୍କୁ ଦେଖି ତାଙ୍କ ସ୍ୱାମୀ ଗୋଡାଇ ପିଟିଥିଲେ। ଏଥିସହ ତାଙ୍କ ବାପା ଓ ତାଙ୍କୁ ହତ୍ୟା କରିବାକୁ ସେ ଧମକ ଦେଇଥିବା ନେଇ ମହିଳା ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସରୋଜିନୀ ସିଂ ସୂଚନା ଦେଇଛନ୍ତି ।

### ବାଣ ଜବତ, ଜଣେ ଗିରଫ

**ବସ୍ତା, ୧୫।୧୦(ସ୍ୱ.ପ୍ର.):** ବସ୍ତା ଥାନା ବେଣାପୁରା ଗ୍ରାମରେ ରବିବାର ରାତିରେ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ସଦଳବଳ ଚଢ଼ାଉ କରି ବେଆଇନ ବାଣ ତିଆରି ଓ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଚଢ଼ାଉ ବେଳେ ପୋଲିସ ବହୁ ପରିମାଣରେ ବାଣ ଓ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହ ସୂର୍ଯ୍ୟମୋହନ ସାହୁଙ୍କୁ ଗିରଫ କରିଥିଲା। ଏନେଇ ବସ୍ତା ଥାନାରେ ଏକ ମାମଲା (ନଂ. ୩୦୯/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆବାସ ଯୋଜନାରେ ଅନିୟମିତତା
# ତଦନ୍ତ ପାଇଁ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବାଲିଆପାଳ, ୧୫।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ରତେଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ଠିକ୍ ତଦନ୍ତ ପାଇଁ ହାଇକୋର୍ଟ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ୍ କରିଥିବା ଜଣାପଡିଛି।

ରତେଇ ପଞ୍ଚାୟତ ଶଙ୍କରପୁର ଗ୍ରାମର ଘନଶ୍ୟାମ ବାରିକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଭାବେ ଚୟନ କରାଯାଇଛି। ସେହି ଗ୍ରାମର ଝାଟୁ ରଣା ଓ ଅନ୍ୟମାନେ ଘନଶ୍ୟାମଙ୍କ ବିରୋଧରେ ଅଭିଯୋଗ କରିବା ସହ ସେ ଚଞ୍ଚକତା କରି ଘର ହାତେଇଥିବା ଅଭିଯୋଗ କରିଛନ୍ତି। ଘନଶ୍ୟାମ ବାରିକଙ୍କ ଘର ପଞ୍ଚୁପାଲି ପଞ୍ଚାୟତରେ ସେଠାରେ ତାଙ୍କର ଘର ଏବଂ ଜମି ରହିଛି। ମାତ୍ର ସେ ଶଙ୍କରପୁର ଗ୍ରାମରେ ଜଙ୍ଗଲ ଜମି ଖାତା ନଂ.୬୫୨କୁ ଜବରଦଖଲ କରି ରହୁଛନ୍ତି ଓ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ତିଆରି କରୁଛନ୍ତି। ଗ୍ରାମବାସୀ ଏହାର ବିରୋଧ କରି ବିଡିଓ ଏବଂ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଝାଟୁ ରଣା ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲା ସଂଖ୍ୟା ପିଆଇଏଲ ୧୭୩୫୬/୧୯ର ବିଚାର କରି ଏହାର ତଦନ୍ତ ପାଇଁ ଜିଲାପାଳଙ୍କୁ ଦାୟିତ୍ୱ ଦେଇଛନ୍ତି। ତେବେ ଜିଲାପାଳ ଏହାର ବିଚାର ପାଇଁ ସମସ୍ତ ପକ୍ଷଙ୍କୁ ଚଳିତ ମାସ ୧୯ତାରିଖରେ ପକ୍ଷ ରଖିବାକୁ ନୋଟିସ୍ କରିଛନ୍ତି। ତେବେ ବାଲିଆପାଳ ବ୍ଲକର ଭାରପ୍ରାପ୍ତ ବିଡିଓଙ୍କୁ ପଚାରିବାରୁ ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କିଛି କହିବାକୁ ମନା କରିଦେଇଥିଲେ।

## ଉଦଳା-କରଞ୍ଜିଆରେ ମାତିଲେ ଲୁଟେରା
# ୫ଲକ୍ଷରୁ ଊର୍ଦ୍ଧ୍ୱ ଭତ୍ତା ଟଙ୍କା, ଅଧ୍ୟାପିକାଙ୍କ ସୁନାଚେନ୍ ଲୁଟ

**ଉଦଳା/ଠାକୁରମୁଣ୍ଡା, ୧୫।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଓ କରଞ୍ଜିଆ ଥାନା ପୋଲିସ୍‌କୁ ମଙ୍ଗଳବାର ଲୁଟେରାମାନେ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ୫ ଲକ୍ଷରୁ ଊର୍ଦ୍ଧ୍ୱ ଭତ୍ତା ଟଙ୍କା ସହ ଜଣେ ଅଧ୍ୟାପିକାଙ୍କ ସୁନା ଚେନ ଲୁଟି ନେଇଛନ୍ତି। ଏହି ଘଟଣା ପୋଲିସ୍ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଉଦଳା ଥାନା ଅଧୀନ ଦୁଗୁଧା ପଞ୍ଚାୟତରେ ଭତ୍ତା ପ୍ରଦାନ କରାଯିବାର ଥିଲା। ଭିଏଲଡବ୍ଲ୍ୟୁ ପ୍ରଦ୍ୟୁମ୍ନ ନାୟକ ଉଦଳା ଆଇସିଆଇସିଆଇ ବ୍ୟାଙ୍କରୁ ୨ ଲକ୍ଷ ୮୬ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ପଞ୍ଚାୟତ ଅଭିମୁଖେ ଯାଉଥିଲେ। ମଧ୍ୟାହ୍ନ ୧୨ ଟା ସମୟରେ ଉଦଳା-ଦୁଗୁଧା ରାସ୍ତାର କେନାଲ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ହୋଣ୍ଡା ସାଇନ୍ ଗାଡିରେ ଆସି ତାଙ୍କୁ ଅଟକାଇଥିଲେ । ଦୁର୍ବୃତ୍ତମାନେ ପ୍ରଦ୍ୟୁମ୍ନଙ୍କୁ ମାଡ଼ ମାରିବା ସହିତ ଗାଡ଼ି ଚାବି ଛଡାଇନେଇ ଡିକିରେ ଥିବା ଟଙ୍କା ସମେତ ତାଙ୍କ ମୋବାଇଲକୁ ଲୁଟି ନେଇ ସେଠାରୁ ଫେରାର ହୋଇଯାଇଥିଲେ । ପରେ ପ୍ରଦ୍ୟୁମ୍ନ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଲୁଟ ଘଟଣାର ମାତ୍ର ଦୁଇ ଘଣ୍ଟା ପରେ ନାଗପାଳ ଜ୍ୟୋତିନଗରରେ ରହୁଥିବା ଜଣେ ଅଧ୍ୟାପିକାଙ୍କ ବେକରୁ ଦୁଇ ଲୁଟେରା ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଉଦଳା କଲେଜ ଇଂଲିଶ ବିଭାଗର ଅଧ୍ୟାପିକା ରେହେନା ସୁଲତାନ ମଧ୍ୟାହ୍ନରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଗୋଟିଏ ବାଇକରେ ଦୁଇ ଲୁଟେରା ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଲୁଟ ହୋଇଥିବା ସୁନାଚେନ୍‌ଟିର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ସେହିପରି କରଞ୍ଜିଆ ବ୍ଲକ ଦରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କଠାରୁ ସନ୍ଧ୍ୟାରେ ଦୁର୍ବୃତ୍ତମାନେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସିଙ୍ଗଡା ଫାଣ୍ଡି ଓ ରରୁଆଁ ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ବ୍ୟାଙ୍କରୁ ୪,୭୭,୨୦୦ ଟଙ୍କା ଉଠାଇ ଦରୀ ପଞ୍ଚାୟତରେ ୧ଲକ୍ଷ ୫୦ ହଜାର ଟଙ୍କା ଭତ୍ତା ବଣ୍ଟନ କରିବା ପରେ ଅବଶିଷ୍ଟ ଟଙ୍କା ବ୍ୟାଗରେ ଧରି ପିଇଓ ବାଇକ ଯୋଗେ ଫେରୁଥିଲେ। ୪୯ ନମ୍ବର ଜତୀୟ ରାଜପଥ ସିଙ୍ଗିଡା ନିକଟରେ ୨ଜଣ ଦୁର୍ବୃତ୍ତ ଏକ ନମ୍ବରବିହୀନ ବାଇକରେ ଆସି ପଛପଟୁ ତାଙ୍କ ବାଇକକୁ ଗୋଇଠା ମାରିଥିଲେ। ପିଇଓ ତଳେ ପଡିଯିବା ପରେ ଦୁର୍ବୃତ୍ତ ଦ୍ୱୟ ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ତେବେ ଗୋଟିଏ ଦିନରେ ଜିଲାର ୩ଟି ସ୍ଥାନରୁ ଲୁଟ୍ ହେବା ଏବଂ ଲୁଟେରାମାନେ ପୋଲିସ୍‌କୁ ଚକମା ଦେଇ ଖସିଯିବା ସ୍ଥାନୀୟ ପୋଲିସ୍‌ର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ବାଲେଶ୍ୱର ଅଫିସ, ୧୫।୧୦**

ବାଲେଶ୍ୱର ସଦର ଥାନା ବଡ଼ଡିହ ଗ୍ରାମର ବୀରେନ୍ଦ୍ର ଦିଣ୍ଡାଙ୍କ ୨ବର୍ଷର ଝିଅ ଶୁଭଲକ୍ଷ୍ମୀ ମଙ୍ଗଳବାର ପୋଖରୀରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ବୀରେନ୍ଦ୍ର କଲିକତାରେ କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀ ଟିଙ୍କିଲି ପରିବାର ଲୋକଙ୍କ ସହ ଘରେ ରହୁଥିଲେ। ପୂର୍ବାହ୍ନରେ ଶୁଭଲକ୍ଷ୍ମୀ ଅନ୍ୟ ଜଣେ ପିଲା ସହ ବଲ୍ ଖେଳୁଥିବାବେଳେ ବଲ୍ ପୋଖରୀ କଡ଼କୁ ଚାଲିଯାଇଥିଲା। ଶୁଭଲକ୍ଷ୍ମୀ ତାହାକୁ ଆଣିବାକୁ ଯାଇ ପୋଖରୀରେ ପଡ଼ିଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ଝିଅକୁ ନ ପାଇ ଟିଙ୍କିଲି ଏଣେତେଣେ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକ ମଧ୍ୟ ଖୋଜିବାରେ ଲାଗିଥିଲେ। ଶେଷରେ ପୋଖରୀରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୨/୧୯) ରୁଜୁ କରାଯାଇଛି।

# ନକଲି ଜାତିଗତ ପ୍ରମାଣପତ୍ର ଧରପଗଡ: ଶିକ୍ଷୟିତ୍ରୀ ବହିଷ୍କୃତ

**ଭଦ୍ରକ ଅଫିସ, ୧୫।୧୦**

ଭଦ୍ରକ ବ୍ଲକ ସାବରଙ୍ଗ ଏନ୍‌ଡି ଏମ୍‌ଇ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ପ୍ରେମଶିଳା ଭୂୟାଁ ନକଲି ଜାତିଗତ ପ୍ରମାଣପତ୍ର ଦେଇ କାର୍ଯ୍ୟ କରୁଥିବା ଅଭିଯୋଗର ତଦନ୍ତ ପରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ୨୦୦୭ ସେ ରେ ଶିକ୍ଷା ସହାୟିକା ଭାବେ ନିଯୁକ୍ତି ପାଇ ୨୦୧୩ ରେ ନିୟମିତ ହୋଇଥିଲେ। ତାଙ୍କ ଘର ଭଦ୍ରକ ସାବରଙ୍ଗ ଅଞ୍ଚଳରେ। ସେ ସୁନ୍ଦରଗଡ ଲେଫ୍ରିପଡା ତହସିଲରୁ ଏସ୍‌ଟି ସାର୍ଟିଫିକେଟ୍ ଆଣି ନିଯୁକ୍ତିସମୟରେ ପ୍ରଦାନ କରି ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଏହି ଘଟଣା ପଦାକୁ ଆସିବାରୁ ବ୍ଲକ ଶିକ୍ଷା ବିଭାଗର ପରାମର୍ଶ କ୍ରମେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି( ଏସ୍‌ଏଲ୍‌ଏସ୍‌ସି) ତଦନ୍ତ କରି ଉକ୍ତ ସାର୍ଟିଫିକେଟ୍ ନକଲି ବୋଲି ଜାଣି ପାରିଥିଲା। ଏନେଇ ଭଦ୍ରକ ଟାଉନ ଥାନାରେ ଏକ ମାମଲା(ନଂ ୫୦୮/୧୯) ରୁଜୁ କରାଯାଇ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।




# ‘ଯୌତୁକ ନିର୍ଯାତନା ଦେଇ ମୋ ଭଉଣୀକୁ ମାରି ଦିଆଯାଇଛି’

**ଧାମନଗର ୧୫।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ବନ୍ଧଟିଆ ଝାଟିଆ ସାହି ନିକଟସ୍ଥ ରାସ୍ତାକଡରୁ ଗତ ୧୩ ତାରିଖ ବିଳମ୍ବିତ ରାତିରେ ଉଦ୍ଧାର ହୋଇଥିବା ଜଣେ ନବିବବିହିତା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡଡାକ୍ତରଖାନାରେ ମଙ୍ଗଳବାର ଭୋର ୪ଟା ସମୟରେ ମୃତ୍ୟୁ ଘଟିଛି। ତାଙ୍କ ଭାଇ ସନ୍ଧ୍ୟାରେ ଧୁଷୁରୀ ଥାନାକୁ ଯାଇ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଇ ବିଷ ପିଆଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏପରି କି ସେମାନେ ତାଙ୍କୁ ଆଣି ବନ୍ଧଟିଆ ଝାଟିଆ ସାହି ନିକଟ ରାସ୍ତାକଡରେ ଫିଙ୍ଗି ପକାଇଯାଇ ଥିବା କହିଛନ୍ତି। ସେହି ରାତିରେ କେତେକ ସ୍ଥାନୀୟ ଯୁବକ ଏହି ମହିଳାଙ୍କୁ ରାସ୍ତାକଡରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ଧାମନଗର ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଚିକିତ୍ସା ପରେ ଚେତା ଫେରିବାରୁ ସେ ତାଙ୍କ ପରିଚୟ ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ବାପଘର ଲୋକେ ସେଠାରେ ପହଞ୍ଚି ତାଙ୍କ ଅବସ୍ଥା ଗୁରୁତର ଥବବାରୁ ଭଦ୍ରକ ଡାକ୍ତରଖାନା ନେଇଯାଇଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ମହିଳାଜଣଙ୍କ ଗତମାସ ବିବାହ କରଥିଲେ। ବିବାହର ମାତ୍ର ୫ ସପ୍ତାହ ନ ପୁରୁଣୁ ଏଭଳି ପରିସ୍ଥିତିରେ ସେ ମୃତ୍ୟୁବରଣ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମହିଳାଙ୍କ ଭାଇ ଦେଇଥିବା ଏତଲା ଭିତ୍ତିରେ ପୋଲିସ ଅନୁଧ୍ୟାନ ଚଳାଇଛି। ପ୍ରାଥମିକ ଅନୁଧ୍ୟାନ ପରେ ଏ ନେଇ ମାମଲା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧୁଷୁରି ଥାନା ପୋଲିସ କହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ